# ଏକକ-୩ ଇତିହାସ

## ସଂରଚନା

୩.୦ ଉପକ୍ରମ

୩.୧ ଶିକ୍ଷଣ ଉଦ୍ଦେଶ୍ୟ

୩.୨ ଇତିହାସର ଅର୍ଥ

୩.୩ ଇତିହାସର ପ୍ରକୃତି

୩.୪ ପ୍ରାରମ୍ଭିକ ସ୍ତରରେ ଇତିହାସର ବିଷୟବସ୍ତୁ

୩.୫ ସାମାଜିକ ବିଜ୍ଞାନ ପାଠ୍ୟସୂଚୀରେ ଇତିହାସ ପଠନର ଗୁରୁତ୍ୱ

୩.୬ ଅତୀତକୁ ବୁଝିବା ଐତିହାସିକ ପ୍ରଣାଳୀ

୩.୭ ପ୍ରାରମ୍ଭିକ ସ୍ତରରେ ଇତିହାସ ର ଦୁଇଟି ଅଧ୍ୟାୟର ପ୍ରତ୍ୟୟ ଚିତ୍ରଣର ପ୍ରସ୍ତୁତି

୩.୮ ସାରାଂଶ

୩.୯ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୩.୧୦ ପାଠାନ୍ତ ପ୍ରଶ୍ନାବଳୀ

## ୩.୦ ଉପକ୍ରମ

ପୂର୍ବ ଏକକରେ ତୁମେ ଜାଣିଲ ସାମାଜିକ ବିଜ୍ଞାନ ପାଠ୍ୟସୂଚୀରେ ଭୂଗୋଳ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ (ଏହି ବ୍ଲକ୍ ର ଏକକ - ୩) । ଏହି ଏକକ ଟି ମୂଳତଃ ଇତିହାସ ର ଅର୍ଥ ଓ ପ୍ରକୃତି କୁ ବର୍ଣ୍ଣନା କରେ । ଅଧିକତର ଏହି ଏକକ ଟି ସାମାଜିକ ବିଜ୍ଞାନ ପାଠ୍ୟସୂଚୀ ରେ ଇତିହାସ ର ବିଷୟବସ୍ତୁ ଓ ଇତିହାସ ପଠନ ର ଗୁରୁତ୍ୱ କୁ ସଂକ୍ଷିପ୍ତରେ ବର୍ଣ୍ଣନା କରୁଛି । ଆହୁରି, ଉକ୍ତ ଏକକଟି ଅତୀତ କୁ ବୁଝିବା ପାଇଁ ସାମାଜିକ ବିଜ୍ଞାନୀ ମାନଙ୍କ ଦ୍ୱାରା ଗୃହୀତ ପ୍ରକ୍ରିୟା କୁ ପ୍ରତିଫଳିତ କରିବ ଏବଂ ମାନଚିତ୍ର ପ୍ରୟୋଗ ଦ୍ୱାରା ଐତିହାସିକ ଘଟଣା ଗୁଡ଼ିକର ଦୃଷ୍ଟାନ୍ତ ମୂଳକ ବର୍ଣ୍ଣନା ସହିତ ତୁମକୁ ପରିଚିତ କରାଇବ ।

## ୩.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଟି କୁ ପଢି ସାରିବା ପରେ, ତୁମେ ସକ୍ଷମ ହେବ :

- ଇତିହାସ ର ଅର୍ଥ ବର୍ଣ୍ଣନା କରିବା ।
- ଇତିହାସର ପ୍ରକୃତି ବର୍ଣ୍ଣନା କରିବା ।
- ପ୍ରାରମ୍ଭିକ ସ୍ତରରେ ଇତିହାସ ର ବିଷୟବସ୍ତୁର ଯଥାର୍ଥତା ପ୍ରତିପାଦନ କରିବା ।
- ସାମ୍ପ୍ରତିକ ସ୍ଥିତିରେ ସାମାଜିକ ବିଜ୍ଞାନ ପାଠ୍ୟସୂଚୀ ରେ ଇତିହାସ ର ଗୁରୁତ୍ୱ କୁ ବର୍ଣ୍ଣନା କରିବା
- ଇତିହାସକୁ ଅନୁସନ୍ଧାନ କରିବା ଏବଂ ତାହାକୁ ଅନ୍ୟ ମାନଙ୍କ ସହିତ ଆଦାନ ପ୍ରଦାନ କରିବାରେ

ଟିପ୍ପଣୀ

ଐତିହାସିକ ମାନଙ୍କର ଭୂମିକାକୁ ସୂଚାଇବା

- ପ୍ରସଙ୍ଗ ମାନଚିତ୍ରର ପ୍ରୟୋଗ ଦ୍ୱାରା ଐତିହାସିକ ସତ୍ୟତାର ଧାରଣା, ଭାବନା ଏବଂ ସୂଚନାକୁ ଚିତ୍ର ସାହାଯ୍ୟରେ ବୁଝାଇବା



## ୩.୨ ଇତିହାସର ଅର୍ଥ

ତୁମେ ଆରିଷ୍ଟଟଲ୍ ଙ୍କ ଶିକ୍ଷକ ଆଲେକ୍‌ଜାଣ୍ଡାରଙ୍କ ବିଷୟରେ ପଢିଥିବ ।

ସେ ଗ୍ରୀସ୍ ର ବାସିନ୍ଦା ଥିଲେ । ତୁମେ ଜାଣିଛ କି ଗ୍ରୀକ୍‌ବାସୀ ମାନେ ଜ୍ଞାନ ଓ ପ୍ରଜ୍ଞାର ପ୍ରଧାନ ଅନୁସନ୍ଧାନକାରୀ ? ସବୁ ବିଷୟ ମଧ୍ୟରୁ ଇତିହାସ ହେଉଛି ସେହି ବିଷୟ ଯାହା ତାଙ୍କର ଜ୍ଞାନ ଓ ପ୍ରଜ୍ଞା କୁ ବୃଦ୍ଧି କରିଥିଲା । ଇଂରାଜୀ ଶବ୍ଦ "ହିଷ୍ଟ୍ରୀ" (History) ଗ୍ରୀକ୍ ଶବ୍ଦ "ହିଷ୍ଟୋରିଆ" ରୁ ଆନୀତ ଯାହାର ଅର୍ଥ "ତଦନ୍ତ", "ଗବେଷଣା", ଓ "ସୂଚନା" । ମାନବ ର ଅତୀତ ବିଷୟରେ ତଦନ୍ତ ଓ ଗବେଷଣା ଦ୍ୱାରା ଶିକ୍ଷା ପରବର୍ତ୍ତୀ ସମୟରେ ପୁରାତନ ଗ୍ରୀକ୍ ଐତିହାସିକ, ହେରେଡ଼ୋଟସ୍ (୪୮୪ଖ୍ରୀ.ପୂ -୪୨୫ ଖ୍ରୀ.ପୂ) ଏବଂ ଥୁସିଡ଼ାଇଡସ୍ (୪୬୦-୪୦୧ ଖ୍ରୀ.ପୂ) ଦ୍ୱାରା ଶୃଙ୍ଖଳା ରେ ବିକଶିତ ହେଲା । 'ହେରୋଡାଟସ୍' 'ଇତିହାସ ର ଜନକ' ରୂପେ ଜଣାଶୁଣା । ସେ ଗ୍ରୀସ୍-ପାରସିକ ଯୁଦ୍ଧ ବିଷୟରେ ଲେଖିଥିଲେ, ଯାହା ଏକ ସୂଚନା ର ଖଣି ଥିଲା, ବିଶେଷତଃ ମିଶର ଓ ପାରସ୍ୟ ବାସୀଙ୍କ ସମ୍ପର୍କିତ । ଥୁସିଡ଼ାଇଡ଼ସ୍ ଏହି ବିଷୟକୁ ବୈଜ୍ଞାନିକ ପଂକ୍ତି ରେ ବିକଶିତ କରିଥିଲେ । ସେ ପ୍ରମାଣ ଭିତ୍ତି ରେ ବିଶୁଦ୍ଧ ଭାବରେ 'ପିଲୋପେନ୍ - ସିଆନ୍' ଯୁଦ୍ଧ କୁ ରଚନା କରିଥିଲେ ଏବଂ ତାହାର କାରଣ ଓ ପ୍ରଭାବ ମଧ୍ୟରେ ସମ୍ପର୍କକୁ ଦର୍ଶାଇଥିଲେ ।






ଥୁସିଡ଼ାଇଡସ୍‌ଙ୍କ ପ୍ରତିମା (ଖ୍ରୀ.ପୂ ୪୬୦ - ୪୦୧) ପିଲୋପେନ୍‌ସିଆନ୍ ଯୁଦ୍ଧ ର ଇତିହାସ, ଯାହାର ତଥ୍ୟକୁ ସେ ଗୁରୁତ୍ୱ ଦେଇଥିଲେ ।

ହେନେରି ଜନ୍‌ସନ୍ (୧୯୬୯) ଙ୍କ ଭାଷାରେ "ଇତିହାସ ଏକ ଘଟଣା ର ସବିଶେଷ ହିସାବ" । ଏହି ସଂଜ୍ଞା ରୁ ଏହା ସଂପୂର୍ଣ୍ଣ ଭାବେ ବୁଝାଗଲା ଯେ ଇତିହାସ ମୁଖ୍ୟତଃ ଅତୀତର ଘଟଣା ସହିତ ଜଡ଼ିତ । ଇତିହାସ ରେ କେବଳ ଘଟଣା ଗୁଡ଼ିକ ବିଷୟରେ ବର୍ଣ୍ଣନା କରାଯାଇଥାଏ ।

ଥୋମାସ୍ କାର୍‌ଲାଇଲ୍ (୧୮୯୫), ଫ୍ରାନ୍ସ ବିପ୍ଳବ ର ଜଣେ ପ୍ରସିଦ୍ଧ ଐତିହାସିକ, ତାଙ୍କ ମତରେ ଇତିହାସ ହେଉଛି "ପ୍ରଧାନ ବ୍ୟକ୍ତି ମାନଙ୍କର ଜୀବନୀ" ଏବଂ ଏହା ଏକ ମାନବ ସମ୍ବନ୍ଧୀୟ କାର୍ଯ୍ୟ ସମାପ୍ତି ର ନଥି, ବିଶେଷତଃ ମହାନ୍ ଆତ୍ମାଙ୍କର । ଅନେକ ସମୟରେ ଜଣେ ବ୍ୟକ୍ତିଙ୍କର ଗୋଟିଏ ମାତ୍ର ଧାର୍ମିକ କାର୍ଯ୍ୟ ଗୋଟିଏ ସଂପୂର୍ଣ୍ଣ ଗ୍ରାମ, ନଗର ଓ ଦେଶ ର ନାମ ଏବଂ ଯଶ କୁ ଉତଥିତ କରିଥାଏ ।

ପ୍ରଫେସର୍ ମେଟ୍‌ଲ୍ୟାଣ୍ଡ (୧୮୯୮) ମତରେ "ମନୁଷ୍ୟ ମାନେ କ'ଣ କରିଛନ୍ତି ଏବଂ କହିଛନ୍ତି, ସର୍ବଶେଷ ରେ ସେମାନେ କ'ଣ ଚିନ୍ତା କରିଛନ୍ତି - ତାହା ହେଉଛି ଇତିହାସ" । ସର୍ବଶେଷରେ, ଏହା ହେଉଛି ଏକ ଚିନ୍ତନ ପ୍ରକ୍ରିୟା, ଭାବନାତ୍ମକ କାର୍ଯ୍ୟ ଏବଂ ଅତୀତ ରେ ଯାହା ଘଟିଯାଇଛି ତାହାର ପ୍ରତିମା ନିର୍ମାଣ, ଯାହା ଇତିହାସ ର ମୁଖ୍ୟ କାର୍ଯ୍ୟ ରେ ପରିଣତ ହୋଇଛି ।

ପ୍ରଫେସର୍ ରେନର୍ (୧୯୫୦) ଙ୍କ ମତରେ "ଇତିହାସ ହେଉଛି ସମାଜ ରେ ବାସ କରୁଥିବା ମନୁଷ୍ୟ ମାନଙ୍କର

ବୃତ୍ତାନ୍ତ/ଗଳ୍ପ" । ଏକ ନୂତନ ଧାରଣା ଯେଉଁଥିରେ ସାମୂହିକ କାର୍ଯ୍ୟ, ସର୍ଜନାତ୍ମକ ଚିନ୍ତା ଏବଂ ବନ୍ଧୁତ୍ୱପୂର୍ଣ୍ଣ ଭାବର ସମୂହ ଉତ୍ତର ଏବଂ ସମସ୍ତ ଙ୍କର ସ୍ୱାର୍ଥକୁ ନେଇ ସେବା କରିବାର ମନୋବୃତ୍ତି, ମହାନ୍ ଖ୍ୟାତି ଅର୍ଜନ କରେ ।

ପ୍ରଫେସର ଘୋଷ (୨୦୦୭) ଙ୍କ ମତରେ, "ଇତିହାସ ହେଉଛି ବୈଜ୍ଞାନିକ ଅଧ୍ୟୟନ ଏବଂ ଆମର ସଂପୂର୍ଣ୍ଣ ଅତୀତର ଏକ ନଥି/ଦଲିଲ୍" ।

ସମସ୍ତ ବିଦ୍ୱାନ ମାନଙ୍କ ମଧ୍ୟରେ ଆର୍‌ନେଷ୍ଟ ବର୍ନହିମ୍ (୧୮୮୯) ଙ୍କ ସଂଜ୍ଞା ଅଧିକ ଗୁରୁତ୍ୱପୂର୍ଣ୍ଣ/ ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କ ମତରେ, "ଇତିହାସ ହେଉଛି ଏକ ବିଜ୍ଞାନ ଯେଉଁଟା ସମାଜିକ ସ୍ତରରେ ମାନବ ଜାତି ସେମାନଙ୍କର ବ୍ୟକ୍ତିଗତ, ଆଦର୍ଶ ରୂପେ ଏବଂ ସାମୂହିକ କାର୍ଯ୍ୟକଳାପ ସମୟ ଏବଂ ସ୍ଥାନ ଦ୍ୱାରା ହେଉଥିବା ପରିବର୍ତ୍ତନର ସତ୍ୟାସତ୍ୟକୁ ମନ - ଭୌତିକ କାରଣ - କାର୍ଯ୍ୟ ସମ୍ପର୍କ (Psycho - physical causality) ର ବିଷୟ ବସ୍ତୁରେ ଅନୁସନ୍ଧାନ କରିଛି ଏବଂ ଉପସ୍ଥାପନ କରୁଛି ।" ଏହି ସଂଜ୍ଞାଟି ଐତିହାସିକ ପ୍ରଯତ୍ନ ର ସମସ୍ତ ମୌଳିକ କାର୍ଯ୍ୟ କଳାପ କୁ ସ୍ପର୍ଶ କରିଛି । ଏହା ହେଉଛି ଏକ ବିଜ୍ଞାନ କାରଣ ଏହା ବାସ୍ତବିକ ଜୀବନକୁ ଭିତ୍ତି କରି ଜ୍ଞାନ କୁ ପଦ୍ଧତିବଦ୍ଧ ଭାବରେ ସନ୍ନିବେଶିତ କରିଥାଏ ଏବଂ କାଳ୍ପନିକ ଓ ମନଗଢ଼ା କଥା କୁ ଭିତ୍ତି କରି ହୋଇନଥାଏ । ଦ୍ୱିତୀୟତଃ, ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଜୀବନ ର ସେହି ସତ୍ୟକୁ ଅନୁସନ୍ଧାନ କରିବା ସହିତ ସେଗୁଡିକୁ ଉପଯୁକ୍ତ ପ୍ରସଙ୍ଗରେ ଉପସ୍ଥାପିତ କରିବ । କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ସେମାନଙ୍କର କାରଣକୁ ବ୍ୟାଖ୍ୟା କରିବା, ସମସ୍ୟା କୁ ଖୋଜି ବାହାର କରିବା, ଏହାର ଗଭୀରତାର ନିର୍ଗମ କୁ ପରୀକ୍ଷା କରିବା ଏବଂ ଉତ୍ପତ୍ତି ରୁ ଉପସଂହାର ପର୍ଯ୍ୟନ୍ତ ଅପୂର୍ବ ଘଟଣା ର ବ୍ୟାଖ୍ୟା କରିବା । ଉତ୍ପତ୍ତି ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ସମୟ ଓ ନିର୍ଦ୍ଧାରିତ ସ୍ଥାନରେ ମାନସିକ ଓ ଭୌତିକ ସଂଯୋଗ କୁ ଭିତ୍ତି କରି ହୋଇଥାଏ । ସେହିପରି, ସତ୍ୟତା କୁ ଅନୁସନ୍ଧାନ କରାଯାଇଥାଏ, ଯେଉଁଟି ମନୁଷ୍ୟର ଅବସ୍ଥାରେ ଉନ୍ନତି ଓ ପରିବର୍ତ୍ତନ ସମ୍ପର୍କିତ ଯେହେତୁ ବ୍ୟକ୍ତି ର ବ୍ୟକ୍ତିଗତ କାର୍ଯ୍ୟ କୁ ଚିନ୍ତା କରାଯାଇଥାଏ ।

ପରନ୍ତୁ, ଭାରତରେ ଇତିହାସର ଏକ ମୌଖିକ ପରମ୍ପରା ହୋଇଛି । ପୁରାତନ ଭାରତୀୟ ବୀର/ନାୟକ ମାନଙ୍କର ସଫଳତା କୁ 'ବୀରଗାଥା' ଏବଂ 'ଗାଥା' ରୂପେ ସଂରକ୍ଷିତ କରାଯାଉଥିଲା । ଭାଟ ଏବଂ ଅନ୍ୟ ଲୋକମାନେ, ବିଭିନ୍ନ ଘଟଣା ଓ କାର୍ଯ୍ୟଗୁଡ଼ିକୁ ଶୁଣି କି ଶିକ୍ଷା କରୁଥିଲେ, କାରଣ ଲେଖିବାର କଳା ଏବଂ ପୁସ୍ତକ ଛାପିବା ଅଜଣାଥିଲା । ଐତିହାସିକ ଘଟଣା ଗୁଡିକ ସାହିତ୍ୟିକ, କଳା, ରାଜନୈତିକ ଓ ଧାର୍ମିକ ଉଦ୍ଦେଶ୍ୟ ରେ ବ୍ୟବହାର କରାଯାଏ । ଭାରତର 'ପୁରାଣ' ଏବଂ ଅନ୍ୟ ଐତିହାସିକ ଲେଖା ଗୁଡିକ ପଦ୍ଧତିଗତ ଓ କଳାନୁକ୍ରମିକ ଭାବରେ ସଜ୍ଜିତ ହୋଇନଥାଏ । ଭାରତରେ ଇଂରାଜୀ ଶିକ୍ଷା ବ୍ୟବସ୍ଥା ରେ ଇତିହାସକୁ ଏକ ବିଦ୍ୟାଳୟ ବିଷୟ ରୂପେ ପ୍ରଚଳନ କରାଯାଇଥିଲା । ତେଣୁ, ବହୁତ/ଅଧିକ ପୂର୍ବ ପାଠ୍ୟ ପୁସ୍ତକ ଗୁଡ଼ିକ ଇଉରୋପୀୟ ବିଦ୍ୱାନ ମାନଙ୍କ ଦ୍ୱାରା ଲେଖା ହୋଇଥିଲା ।

ସର୍ବଶେଷରେ, ଏହା କହିବା ଯଥେଷ୍ଟ ଯେ ଇତିହାସ ମନୁଷ୍ୟ ସତ୍ତାର ସମସ୍ତ ଜାଗତିକ ବ୍ୟାପାର ସହିତ ଜଡ଼ିତ ।

**ନିଜ ଅଗ୍ରଗତି ଆକଳନ - ୧**

ଟିପ୍ପଣୀ: (i) ତଳେ ଦିଆଯାଇଥିବା ସ୍ଥାନରେ ଉତ୍ତର ଲେଖ ।

(ii) ଏକକ ଶେଷରେ ଦିଆଯାଇଥିବା ଉତ୍ତର ସହିତ ତୁମ ଉତ୍ତରକୁ ତୁଳନାକର ।

୧. ବନ୍ଧନୀ ମଧ୍ୟରେ ଠିକ୍ ଓ ଭୁଲ୍ ଦର୍ଶାଅ ।

(କ) ଇଂରାଜୀ ଶବ୍ଦ 'History' ଗ୍ରୀକ୍ ଶବ୍ଦ 'ହିଷ୍ଟୋରିଆ' ରୁ ଆନୀତ । ( )

(ଖ) 'କାର୍ଯ୍ୟ ବିବରଣୀ 'ପିଲୋପେନ୍ନିଆନ୍ ଯୁଦ୍ଧ' ହେରୋଡଟସ୍ ଲେଖିଥିଲେ । ( )

(ଗ) ଥୁସିଡାଇଡ୍ସ୍ ଇତିହାସ ର ଜନକ ରୂପେ ଜଣା । ( )

(ଘ) ପୁରାତନ ଭାରତୀୟ ବୀରଙ୍କର ସଫଳତା କୁ 'ବୀରଗାଥା' ଏବଂ 'ଗାଥା' ରୂପେ ସଂରକ୍ଷିତ କରାଯାଇଛି ।( )

(ଙ) ଭାରତରେ ଇଂରାଜୀ ଶିକ୍ଷା ବ୍ୟବସ୍ଥା 'ଇତିହାସ' କୁ ବିଦ୍ୟାଳୟର ପାଠ୍ୟ ପୁସ୍ତକ ରୂପେ ପରିଚିତ କରାଇଲା । ( )

୨. ଇତିହାସ ର ଅର୍ଥ ସମ୍ବନ୍ଧ ରେ ମୁଖ୍ୟ ଉପସଂହାର ଗୁଡ଼ିକର ତାଲିକା କର ।

୩. କାହିଁକି ପୁରାତନ ଭାରତୀୟ ସଫଳତା ଗୁଡ଼ିକ 'ବୀରଗାଥା' ଏବଂ 'ଗାଥା' ରୂପେ ସଂରକ୍ଷିତ କରାଯାଇଥିଲା ?

## ୩.୩ ଇତିହାସ ର ପ୍ରକୃତି

ଉପର ଆଲୋଚନାକୁ ପାଠ କରିବା ପରେ, ଇତିହାସର ସଠିକ ପ୍ରକୃତିର ତାଲିକା ପ୍ରସ୍ତୁତ କରିବା ଆମ ପାଇଁ ସହଜ ସାଧ୍ୟ ହେବ ।

### ୧. ଇତିହାସ ମନୁଷ୍ୟ ସମ୍ବନ୍ଧୀୟ ଅଧ୍ୟୟନ ଅଟେ:

ଇତିହାସ ଯୁଗ ଯୁଗ ଧରି ମନୁଷ୍ୟର ପ୍ରୟାସ ଓ ସଫଳତା କୁ ନେଇ ଚିନ୍ତିତ । ମାନବ ସଭ୍ୟତା ଯୁଗ ଅନୁସାରେ କିପରି ଭାବରେ ବିକଶିତ ହୋଇଛି ସେସଂକ୍ରାନ୍ତ କାହାଣୀ ଠାବ କରିଥାଏ । ଉଦାହରଣ - ଆମର ସିନ୍ଧୁ ସଭ୍ୟତା, ଆର୍ଯ୍ୟ ସଭ୍ୟତା, ଦ୍ରାବିଡ ସଭ୍ୟତା ଇତ୍ୟାଦି ଅତୀତ ରେ ସାମାଜିକ ସୁବ୍ୟବସ୍ଥା ସ୍ଥାପନ କରିବାରେ ସେମାନଙ୍କ ଉଦ୍ୟମକୁ ଦେଖାଇଛନ୍ତି ।

### ୨. ଇତିହାସ ବର୍ତ୍ତମାନ କୁ ବୋଧଗମ୍ୟ କରାଏ:

ଗୋଟିଏ ପ୍ରଶ୍ନ ତୁମ ମନକୁ ଆସିପାରେ ଯେ କିପରି ଅତୀତରୁ ବର୍ତ୍ତମାନ ସୃଷ୍ଟି ହୋଇଛି । ଗୋଟିଏ ଉଦାହରଣ ନେବା ଆମ ଦୈନନ୍ଦିନ ଜୀବନର ଅନୁଭୂତିରୁ ଯେପରି ବର୍ତ୍ତମାନର ପରିବହନ ବ୍ୟବସ୍ଥା ଜଙ୍ଗଲରେ ଆଦିମ ଲୋକମାନେ କାଠ ଗଣ୍ଡି ଗଡାଇବାର ବିବର୍ତ୍ତନ ର ଫଳାଫଳ । ଇତିହାସର କାର୍ଯ୍ୟ ଏହି ପରିବର୍ତ୍ତନ କୁ ଅଧ୍ୟୟନ କରିବା । ମନୋନୀତ ଘଟଣା ର ପ୍ରକୃତିକୁ ପ୍ରକାଶ କରିବାରେ ସାହାଯ୍ୟ କରେ । ବର୍ତ୍ତମାନ ଉପରେ ଏହାର ପ୍ରଭାବକୁ ବୁଝିବା ପାଇଁ ଅତୀତ ବିଷୟରେ ପ୍ରବୀଣ ହେବା ଐତିହାସିକ ମାନଙ୍କର କାର୍ଯ୍ୟ ।

### ୩. ଐତିହାସିକ ଘଟଣା ଗୁଡ଼ିକ ସଙ୍ଗତ ଓ ନିରବଚ୍ଛିନ୍ନ ଅଟେ:

କୌଣସି ମନୁଷ୍ୟ ର ଘଟଣା ଶୂନ୍ୟତାର ଜନ୍ମ ହୋଇନଥାଏ; ଏହା ପୂର୍ବ ଘଟଣା ର ମୂଳଦୁଆ ରୁ ଦେଖାଯାଇଥାଏ । ସେହିପରି, ପୂର୍ବ ଘଟଣାରୁ ଉଦୟ ହୋଇ ତିଷ୍ଠି ରହିଥିବା ଘଟଣାଗୁଡ଼ିକ ଅବିରତ ଆଗକୁ ଚାଲିଥାଏ ଏବଂ ଅନ୍ୟ ପରସ୍ପର ସଂଯୋଗୀ ଓ ପରସ୍ପର ନିର୍ଭରଶୀଳ ଘଟଣା ସହିତ ନୂତନ ଘଟଣା ସୃଷ୍ଟି କରେ ଏବଂ ଏହି ପ୍ରଗତିଶୀଳ ପ୍ରକ୍ରିୟା ଚାଲୁରହେ । ଉଦାହରଣ:- ଭାରତରେ ସିପାହୀ ବିଦ୍ରୋହ (୧୮୫୭) ର ବିଫଳତା, ଭାରତରେ ଆଞ୍ଚଳିକ ସ୍ତରରେ ବିଭିନ୍ନ ସଶସ୍ତ୍ର ବିପ୍ଳବ କୁ ଉଦୟ/ଜନ୍ମ ଦେଇଥିଲା, ଯେଉଁଥିପାଇଁ ଜାତୀୟତାବାଦୀ ଆନ୍ଦୋଳନ ଏବଂ ଭାରତୀୟ ଜାତୀୟ କଂଗ୍ରେସର ସୃଷ୍ଟି ହୋଇଥିଲା ।

### ୪. ଇତିହାସ ବର୍ତ୍ତମାନ ଏବଂ ଅତୀତ ମଧ୍ୟରେ ଅସରନ୍ତି ସଂଳାପ:

ଆମେ ଜାଣୁ, ଅତୀତ ଆମକୁ ଅଜଣା ଏବଂ ସମସ୍ତ ଐତିହାସିକ ଏହାର କିଛି ଅଂଶ ଆବିଷ୍କାର କରିବାକୁ ପ୍ରଚେଷ୍ଟା କରିଥାନ୍ତି । ନୂତନ ସୂଚନା ଯୋଗ କରି କିମ୍ବା ନୂତନ ବ୍ୟାଖ୍ୟା କରିବାରେ ବାସ୍ତବତାର ନିକଟବର୍ତ୍ତୀ ହୋଇଥାନ୍ତି । ଏହି ସମସ୍ତ ବର୍ତ୍ତମାନ ଉପସ୍ଥିତ ଐତିହାସିକ ଏବଂ ଅତୀତର ଘଟଣା ବଳୀ ମଧ୍ୟରେ ଅତି ନିବିଡ ଆଲୋଚନାର ପ୍ରକ୍ରିୟା ବା ବାର୍ତ୍ତାଳାପ ପ୍ରକ୍ରିୟା । ଐତିହାସିକ ଏବଂ ଅତୀତ ର ବସ୍ତୁ ତାଙ୍କ ଆଗରେ ଉପସ୍ଥିତ ହୋଇନଥାଏ, ସେ ପ୍ରାଥମିକ କିମ୍ବା ଗୌଣ ଉତ୍ସ ଯଥା- ବ୍ୟକ୍ତିଗତ ଡ଼ାୟିରୀ, ପ୍ରତ୍ୟକ୍ଷଦର୍ଶୀ କିମ୍ବା ନଥି କିମ୍ବା ଘଟଣା ସହ ସଂପୃକ୍ତ ନଥିବା ବା ଘଟଣାକୁ ଦେଖି ନଥିବା କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରସ୍ତୁତ ଲେଖାକୁ ସଂଗ୍ରହ କରନ୍ତି ଏବଂ ଶେଷରେ ନିଜର କଳ୍ପନା ଶକ୍ତିକୁ ବ୍ୟବହାର କରି ବିଷୟରେ ପ୍ରତିଫଳିତ କରନ୍ତି । ଏହିପରି ଭାବରେ ଅତୀତ ସହ ଏକ ବାର୍ତ୍ତାଳାପ କରିଥାନ୍ତି । ତାଙ୍କର ମୂଳ ବିଷୟ ବହିର୍ଭୂତ ଏବଂ ବୁଦ୍ଧି ର ସାମର୍ଥ୍ୟ ଦ୍ୱାରା ସେ ଅତୀତ ର ମୃତ ତଥ୍ୟ କୁ ବାସ୍ତବ କରିଥାନ୍ତି ।

**୫. ଇତିହାସ ହେଉଛି ଭବିଷ୍ୟ କହିବାର ଅଭିଳାଷ ସହ ଅତୀତର ବ୍ୟାଖ୍ୟା :**

ଏହି ବୋଧରେ ଇତିହାସ ହେଉଛି ଅତୀତକୁ ଭବିଷ୍ୟତର ଅର୍ଥପୂର୍ଣ୍ଣ ପ୍ରସ୍ତୁତି ଭାବରେ ପ୍ରଦର୍ଶନ କରିବା । ଐତିହାସିକ ଘଟଣା ସଂଘଠିତ ହୋଇଥାଏ ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନରେ । ଐତିହାସିକ ଘଟଣା ର ପ୍ରକୃତି ଗୋଟିଏ କାରଣ ସଂଯୋଗ ଏବଂ ଏହାର ପ୍ରେରଣାତ୍ମକ କାରଣ ହେଉଛି ମନୁଷ୍ୟ ପ୍ରକୃତି ସମ । ଉଦାହରଣ – ଭାରତର ସାମ୍ପ୍ରଦାୟିକ ଅବସ୍ଥା କୁ ଜାଣି ଚର୍ଚ୍ଚିଲ୍ ଭବିଷ୍ୟ ବାଣୀ କରିଥିଲେ ଯେ ଦେଶରୁ ବ୍ରିଟିଶ୍ ମାନେ ପଳାଇଲେ ରକ୍ତ ର ଧାରା ଛୁଟିବ । ଏହା ଘଟିଥିଲା । ପ୍ରତ୍ୟେକ ଦେଶର ଆଧୁନିକ କୁଟନୀତି ଏବଂ ବୈଦେଶିକ ନୀତିଗୁଡ଼ିକ ଅତୀତ ର ଅନୁଭୂତିକୁ ବିଚାରକୁ ନେଇ ନିର୍ଦ୍ଧାରିତ ହୋଇଥାଏ ।

**୬. ଐତିହାସିକ ବଳ ରୈଖିକ ଏବଂ ଚକ୍ରୀୟ ଅଟେ:**

ଇତିହାସ ର ରୈଖିକ ମତ ପ୍ରକାଶ କରେ ଯେ ଇତିହାସ ଅଜଣା ଅତୀତରୁ ଜଣା ବର୍ତ୍ତମାନ ଏବଂ ଅଜଣା ଭବିଷ୍ୟତ ଦେଇ ଯାଇଥିବା ଏକ ସରଳ ରେଖା । ଆହୁରି ମଧ୍ୟ ଇତିହାସରେ ଏକ ନିବିଡ ନିରବିଚ୍ଛିନ୍ନତା ରହିଛି ଏବଂ ଏହା ଇତିହାସ ରୂପକ ନଳୀକୁ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ କଠିନ କରିଥାଏ । ଇତିହାସ ବୃତ୍ତାକାରରେ ଗତି କରିଥାଏ ବୋଲି ଚକ୍ରିୟ ମତ ଦର୍ଶାଏ । ଯେଉଁଥିରେ ଏକ ଆରମ୍ଭ ବିନ୍ଦୁ ରହିଛି ଏବଂ ପରେ ଏହା ଶୀର୍ଷ ସ୍ଥାନ ଛୁଇଁବା ପାଇଁ ଉର୍ଦ୍ଧ୍ୱମୁଖୀ ଗତି କରିଥାଏ । ତତ୍ପରେ ଏହାର ନିମ୍ନମୁଖୀ ଗତି ଆରମ୍ଭ ହୁଏ । ନିମ୍ନରେ ପହଞ୍ଚିବା ପରେ ଏହା ସତ୍ତା ହରାଏ । ପ୍ରତ୍ୟେକ ଧର୍ମର ଉତ୍‌ଥାନ ଓ ପତନ ଏହି ପ୍ରକାରର । ଉଦାହରଣ ସ୍ୱରୂପ ମିଶର ସଭ୍ୟତା, ବାବିଲୋନ ସଭ୍ୟତା, ସିନ୍ଧୁ ସଭ୍ୟତା, ହରପ୍ପା, ଚୀନ, ଗ୍ରୀକ୍, ରୋମ୍, ଇସଲାମୀୟ, ଇଉରୋପୀୟ ସଭ୍ୟତା ଇତ୍ୟାଦି ଏହି ସିଦ୍ଧାନ୍ତ ଅନ୍ତର୍ଗତ ଅଟନ୍ତି ।

**୭. ଇତିହାସର ଜ୍ଞାନ ଅସମାପ୍ତ :**

ଇତିହାସର ପ୍ରକୃତିକୁ ଉତ୍ତମ ଭାବରେ ବୁଝିବା ପାଇଁ ଆମକୁ ଐତିହାସିକ ପଦ୍ଧତି ଏବଂ ବିଶେଷ କରି ଏହାର ଦୋଷ ଦୁର୍ବଳତାକୁ ଯତ୍ନ ପୂର୍ବକ ଲକ୍ଷ୍ୟ କରିବାକୁ ପଡିବ । କୌଣସି ଐତିହାସିକ ଅଧ୍ୟାୟ ବିଷୟରେ ସମସ୍ତ ଯଥାଯଥ ସୂଚନା ଚିହ୍ନଟରୁ ପଦ୍ଧତିର ଆରମ୍ଭ ହୋଇଥାଏ । ଯେହେତୁ ଐତିହାସିକ ପ୍ରତ୍ୟକ୍ଷ ଭାବରେ ଅତୀତକୁ ଅଧ୍ୟୟନ କରିପାରନ୍ତି ନାହିଁ, ତେଣୁ ସେ ଉପଲବ୍ଧ ପ୍ରମାଣ ଉପରେ ନିର୍ଭର କରିଥାନ୍ତି । ଏଠାରେ ଆମେ ପ୍ରକୃତ ଉତିହାସ ଏବଂ ଜଣା ଇତିହାସ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ । ସମୟ ଓ ସ୍ଥାନ ଅନୁସାରେ ସଂଘଟିତ ପ୍ରକୃତ ଘଟଣାବଳୀ ହିଁ ପ୍ରକୃତ ଇତିହାସ । ଅନ୍ୟପଟେ ରହିଯାଇଥିବା ସାମାନ୍ୟ ତମ ପ୍ରମାଣ ହିଁ ଜଣା ଇତିହାସ । ଲୋକମାନେ ସେମାନଙ୍କ ସ୍ମୃତିକୁ ନେଇ ଦେହତ୍ୟାଗ କରନ୍ତି । ଅଳ୍ପ କିଛି ମାନବୀୟ ଗତି ସହ ବର୍ଷ ବର୍ଷ ରହିଥାଏ । ଆମର କେତେକ ଇତିହାସ ଘଟଣାବଳୀ ବିଷୟରେ ଜ୍ଞାନ ନାହିଁ ବା ସାମାନ୍ୟ ରହିଛି । ଏଣୁ ଜଣା ଇତିହାସ ପ୍ରକୃତ ଇତିହାସ ତୁଳନାରେ ଯଥେଷ୍ଟ କମ୍ ।

**୮. ଇତିହାସ ପରିବର୍ତ୍ତନଶୀଳ :**

ଇତିହାସ ସ୍ଥିର ନୁହେଁ । ନୂତନ ଆବିଷ୍କାର ସହ ଆମ ମତାମତ ନିରନ୍ତର ଭାବରେ ପରିବର୍ତ୍ତିତ ହୋଇଥାଏ କାରଣ ନୂତନ ଆବିଷ୍କାର ପୁରାତନ ପ୍ରତି ସନ୍ଦେହ ପ୍ରକଟ କରିଥାଏ । ୧୯୦୦ ପୂର୍ବରୁ ଟ୍ରୋଜାନ ଯୁଦ୍ଧ ସଂପୂର୍ଣ୍ଣ ରୂପେ ମନଗଢା ବୋଲି ବିବେଚିତ ହେଉଥିଲା; ମାଚୁ ପିଚୁ ଏବଂ ଚୀନର ଟେରାକୋଟା ବାହିନୀ ଅଜଣା ଥିଲା । ଐତିହାସିକ ଘଟଣା ଗୁଡ଼ିକର ନୂତନ ବ୍ୟାଖ୍ୟା ବାରମ୍ବାର ପୁରାତନ ମତ କୁ ଆହ୍ୱାନ ଦେଇଥାଏ । ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ ତାଙ୍କ ସମୟରେ ଜଣେ ଉତ୍କୃଷ୍ଟ ରାଜନୀତିଜ୍ଞ ଥିଲେ କି କିମ୍ବା, ଅଳ୍ପ ପ୍ରଶଂସନୀୟ ବ୍ୟକ୍ତି ଥିଲେ କି ? ନୂତନ ପରିବର୍ତ୍ତନ ବ୍ୟାଖ୍ୟା ଗୁଡ଼ିକ ସଂଶୋଧନବାଦୀ ଇତିହାସରେ ପରିବର୍ତ୍ତିତ ହୋଇଥାଏ । ଏପରିକି ଗୋଟିଏ ଲୋକପ୍ରିୟ ଚଳଚ୍ଚିତ୍ର ମଧ୍ୟ ଜନ ସଚେତନତାକୁ ଏକ ଐତିହାସିକ ଅତୀତ ବିଷୟରେ ଓ ବିଷୟ ପ୍ରତି ଅଧିକ ପରିବର୍ତ୍ତନ କରିପାରିବ ।

ଇତିହାସର ପ୍ରକୃତି ଅଧିକ ଜଟିଳ । ଏହା ନିଜକୁ ବିଭିନ୍ନ ବ୍ୟାଖ୍ୟା ଦେଇଥାଏ । ଇତିହାସର କୌଣସି ଏକ ଶାଖା

ବିଶାଳ ଜଟିଳ ପୂର୍ବ ଘଟଣା ର ଏକମାତ୍ର ଦୃଷ୍ଟି କୋଣଠାରୁ ଅଧିକ ନୁହଁ ।

ପରନ୍ତୁ, ଇତିହାସ ର ପରିବର୍ତ୍ତନୀୟ ପ୍ରକୃତିକୁ କେହିବି ବିବାଦ କରିପାରିବେନି ଯାହା ଏକ ଉଦ୍ଦେଶ୍ୟ ଓ ଅର୍ଥପୂର୍ଣ୍ଣ ସଦା ପରିବର୍ତ୍ତନଶୀଳ ଜୀବନ ନୀଟକର ଏକ ଅଂଶ ।

**ନିଜ ଅଗ୍ରଗତି ଆକଳନ - ୨**

ଟିପ୍ପଣୀ: (i) ତଳେ ଦିଆଯାଇଥିବା ସ୍ଥାନ ରେ ଉତ୍ତର ଲେଖ ।

(ii) ଏକକ ଶେଷରେ ଦିଆଯାଇଥିବା ଉତ୍ତର ସହିତ ତୁମ ଉତ୍ତର କୁ ମିଳାଅ/ତୁଳନା କର ।

୪. ଇତିହାସ ର ପ୍ରକୃତି ଉଲ୍ଲେଖ କର ।

୫. ଐତିହାସିକ ବଳ କିପରି ରୈଖିକ ଏବଂ ଚକ୍ରୀୟ ବର୍ଣ୍ଣନା କର ।

୬. ଇତିହାସ ର ପ୍ରାଥମିକ ଉତ୍ସ ଏବଂ ଗୌଣ ଉତ୍ସ ମଧ୍ୟରେ ପ୍ରଭେଦ ଦର୍ଶାଅ ।

## ୩.୪ ପ୍ରାରମ୍ଭିକ ସ୍ତରରେ ଇତିହାସର ବିଷୟବସ୍ତୁ:

ଇତିହାସର ଜ୍ଞାନ ଅସମାପ୍ତ :ତୁମେ ଜାଣିଛ, ଇତିହାସ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପରିବେଶ ଅଧ୍ୟୟନ ର ଗୋଟିଏ ଅଂଶ । ସଂଶୋଧିତ ପରିବେଶ ଅଧ୍ୟୟନର ପାଠ୍ୟଖସଡ଼ା ଶ୍ରେଣୀ – I ରୁ V ପର୍ଯ୍ୟନ୍ତ ପିଲାମାନଙ୍କ ସମୟ, ସ୍ଥାନ ଏବଂ ସମାଜିକ ଜୀବନ ପ୍ରତି ଅଧିକ ଦୃଷ୍ଟି ଆକର୍ଷଣ କରେ ଏବଂ ଏହାକୁ ଏପରି ଭାବରେ କରେ ଯାହା ଦ୍ୱାରା ସେମାନେ ସେମାନକୁ ଏକାଠି ଘେରି ରହିଥିବା ବିଶ୍ୱକୁ ଦେଖି ପାରିବେ ଏବଂ ବୁଝିପାରିବେ । ଶ୍ରେଣୀ ଅଷ୍ଟମରୁ ଦଶମର ସମସ୍ତ ଛାତ୍ରଛାତ୍ରୀ ଇତିହାସକୁ ସାମାଜିକ ବିଜ୍ଞାନ ପାଠ୍ୟସୂଚୀର ଏକ ଅଂଶ ରୂପେ ପଢ଼ିବେ ।

ଜଣେ ବିଦ୍ୟାର୍ଥୀଙ୍କର ଉତ୍ତର ବାଲ୍ୟାବସ୍ଥା ଏବଂ ପ୍ରାକ୍ କୈଶୋର ଅବସ୍ଥାରେ ପ୍ରବେଶ ସମୟରେ ତା'ର ବୌଦ୍ଧିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଗୁଣାତ୍ମକ ପରିବର୍ତ୍ତନ ହୋଇଥାଏ । ଉତ୍ତର ବାଲ୍ୟାବସ୍ଥା ସମୟରେ ଗୋଟିଏ ପିଲାର ଆଭ୍ୟନ୍ତର ଜୀବନ ତୁଳନାତ୍ମକ ଭାବରେ ନମନୀୟ ରହିଥାଏ । ବୌଦ୍ଧିକ ଭାବେ, ଏହି ସମୟରେ ଅଧିକ ଛାତ୍ରଛାତ୍ରୀ ପିଆଜେଙ୍କର "Concrete operation" ସ୍ତରରେ ପ୍ରବେଶ କରନ୍ତି ଏବଂ ସେମାନେ ତାର୍କିକ ହୁଅନ୍ତି, ଏହି ସମୟରେ ଅବସ୍ଥାନ୍ତର ସହିତ ପ୍ରାକ୍ ତର୍କ ସଂଗତ ଚିନ୍ତନ କରିଥାନ୍ତି । ଏହି ବୟସ ରେ ପିଲାମାନଙ୍କର ଭାବନା ବୃଦ୍ଧି ହୋଇ ଭୌତିକ ସତ୍ତାହୀନ ଏବଂ ବହୁ ପରିସର ବିଶିଷ୍ଟ ହୋଇଯାଏ । ସେମାନେ ଏହି ସମୟରେ ଏକାଧିକ ତଥ୍ୟାବଳୀର ତୁଳନାତ୍ମକ ସମୀକ୍ଷଣ କରିବା, ବିଭିନ୍ନତା ଆଧାରରେ ବ୍ୟାଖ୍ୟା କରିବାକୁ ସକ୍ଷମ ହୋଇଥାନ୍ତି ଏବଂ ଅବରୋହୀ ସମୀକ୍ଷଣ ଜରିଆରେ ତାର୍କିକ ସମୀକ୍ଷା କରିଥାନ୍ତି ।

ଏଗୁଡ଼ିକ ଓଜସ୍ୱୀ ବିଶ୍ଳେଷଣ ପ୍ରକ୍ରିୟା ଯାହା ପିଲା ମାନଙ୍କର ଇଚ୍ଛା ଓ ଧ୍ୟାନ କୁ ଆହ୍ୱାନ ଦିଏ । ସେମାନେ ଭାରତର ସଭ୍ୟତାର ଉତ୍ପତ୍ତି ଓ ବିକାଶ କୁ କୌତୁହଳ ସହିତ ଅନୁସରଣ କରନ୍ତି । ବିଭିନ୍ନ ତଥ୍ୟ ଏବଂ ସମୟ ରେଖା ଉପସ୍ଥାପନ / ପରିବେଷଣ ପାଇଁ ସେମାନଙ୍କ ଦକ୍ଷତାକୁ ବିଭିନ୍ନ ନିର୍ଦ୍ଦେଶନ ଉପକରଣ, ମାନଚିତ୍ର, ଦୁଇ-ତିନି ଆଧାରୀୟ କାର୍ଯ୍ୟ ଫର୍ଦ୍ଦର ସହାୟତା ଜରୁରୀ । ଏହି ଶିକ୍ଷାଦାନ ସମ୍ବନ୍ଧୀୟ ଉପକରଣ ସହିତ ଛାତ୍ରଛାତ୍ରୀ ମାନେ ସମାଲୋଚନାତ୍ମକ ତୁଳନା ଓ ଯୁକ୍ତିସିଦ୍ଧ ଉପସଂହାରରେ ଉପନୀତ ହୋଇଥାନ୍ତି ।

ସପ୍ତମ ରୁ ଅଷ୍ଟମ ଶ୍ରେଣୀ ଇତିହାସ ବିଷୟବସ୍ତୁ ଭାରତୀୟ ସମାଜ ର ଅତୀତ କୁ କେନ୍ଦ୍ର କରିଥାଏ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ଦେଶ ବିକଶିତ ହେବାର ଏବଂ ବିଶ୍ୱରେ ସେମାନଙ୍କର ଭୂମିକା ର ବ୍ୟାପକ ସାଧାରଣ ସମୀକ୍ଷା ପ୍ରଦାନ କରିଥାଏ । କିପରି ଅତୀତ ରୁ ଶିକ୍ଷାଦାନ ଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ବିଜ୍ଞ ସିଦ୍ଧାନ୍ତ ନେଇପାରୁଥିଲେ ଛାତ୍ରଛାତ୍ରୀ ମାନେ ଶିକ୍ଷା କରିବେ । ଏହି ଉପାଦାନ ଟି ଏପରି ଭାବିଚିନ୍ତି କରାଯାଇଛି ଯେ ସେମାନଙ୍କୁ ଐତିହାସିକ ବିକାଶରେ ସାହାଯ୍ୟ କରିବ ଏବଂ ସେମାନେ ଇତିହାସ ର ତାତ୍ପର୍ଯ୍ୟ କୁ ଅନୁଭବ କରିପାରିବେ । ଅଧ୍ୟୟନ ର

ଆବଶ୍ୟକତା ରହିଛି କେବଳ ଅତୀତ ର ଅର୍ଥନୈତିକ, ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ବିଷୟରେ ଜାଣିବା ପାଇଁ ନୁହେଁ, ବରଂ ସେମାନେ ଐତିହାସିକ ଘଟଣା କୁ ଭିତ୍ତି କରି ଐତିହାସିକ ଚିନ୍ତନ କୁ ଶିକ୍ଷା କରିବା ପାଇ ଅଟେ । ଛାତ୍ରଛାତ୍ରୀ ମାନେ ପ୍ରକ୍ରିୟା ଏବଂ ଘଟଣା ମଧ୍ୟରେ ସଂଯୋଗ, ଗୋଟିଏ ସ୍ଥାନ ଏବଂ ଅନ୍ୟ ସ୍ଥାନ ମଧ୍ୟରେ ବିକାଶ ଏବଂ ବିଭିନ୍ନ ଗୋଷ୍ଠୀ ଓ ସମାଜ ମଧ୍ୟରେ ଇତିହାସକୁ ଲକ୍ଷ୍ୟ ଇତ୍ୟାଦି କରିପାରିବାର କ୍ଷମତା ଅର୍ଜନ କରିବେ । ଷଷ୍ଠ ରୁ ଅଷ୍ଟମ ଏହି ତିନିବର୍ଷ ମୁଖ୍ୟତଃ ଭାରତୀୟ ଇତିହାସ ଉପରେ ଗୁରୁତ୍ୱ ଦିଏ, ପୂର୍ବ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ । ପ୍ରତିବର୍ଷ ଗୋଟିଏ କାଳାନୁକ୍ରମିକ ସମୟ ବିସ୍ତାର କୁ ଅଧ୍ୟୟନ କରାଯାଏ । ସେମାନଙ୍କ ମଧ୍ୟରେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ସାଂସ୍କୃତିକ ପ୍ରକ୍ରିୟାକୁ ବୁଝିବା ପାଇଁ ଉଦ୍ୟମ କରାଯାଇଥାଏ । ଏହିଭଳି ଭାବେ, ଇତିହାସ ଅଧ୍ୟୟନ ଛାତ୍ରଛାତ୍ରୀ ମାନଙ୍କୁ ସମାଜ ରେ ଅଂଶଗ୍ରହଣ କରିବା ପାଇଁ ସାହାଯ୍ୟ କରେ ଏବଂ ବହୁ ସଂସ୍କୃତି, ଦ୍ରୁତ ପ୍ରଯୁକ୍ତି ବିଦ୍ୟା, ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପରିବର୍ତ୍ତନ ଏହିଭଳି ଜଟିଳ ସମାଜରେ ଜଣେ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରେ ।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (Cetral Board of Secondary Education) (CBSE, 2006) ଦ୍ୱାରା ଷଷ୍ଠ ରୁ ଅଷ୍ଟମ ଶ୍ରେଣୀର ଇତିହାସ ବହିର ନାମ ଏବଂ ପ୍ରମୁଖ ଉପନାମ ନିର୍ଦ୍ଧାରିତ ହୋଇ ନିମ୍ନରେ ଦିଆଯାଇଛି:

ଶ୍ରେଣୀ - ଷଷ୍ଠ: ଆମ ଅତୀତ - I

<u>କେତେବେଳେ, କେଉଁଠି ଏବଂ କିପରି</u>

- ଅଧ୍ୟୟନ ର ସମୟ ଗଠନ ।
- ଭୌଗୋଳିକ ଢାଞ୍ଚା ।
- ଉତ୍ସ ।

<u>ପୂର୍ବତମ ସମାଜ</u>

- ଶିକାର ଏବଂ ସମାବେଶ ଜୀବନର ଗୋଟିଏ ପନ୍ଥା, ଏହାର ନିହିତାର୍ଥ
- ପଥର ହତିଆର ଏବଂ ତାହାର ବ୍ୟବହାର ର ଉପକ୍ରମ ।
- ଘଟଣା ଅଧ୍ୟୟନ- ଡ଼େକାନ/ ଦାକ୍ଷିଣାତ୍ୟ

<u>ପ୍ରଥମ କୃଷକ ଓ ପ୍ରାଣୀ ପାଳକ</u>

- କୃଷି ଏବଂ ପ୍ରାଣୀପାଳନର ଆବଶ୍ୟକତା
- ଶସ୍ୟ, ପ୍ରାଣୀ, ଗୃହ, ଉପକରଣ, ହତିଆର, ପାତ୍ର, ମାଟିପାତ୍ର, ଶବ କବର ଇତ୍ୟାଦି ପାଇଁ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ।
- ଘଟଣା ଅଧ୍ୟୟନ: ଉତ୍ତର-ପଶ୍ଚିମ ଏବଂ ଉତ୍ତର-ପୂର୍ବାଞ୍ଚଳ ।

<u>ପ୍ରଥମ ନଗର</u>

<u>ନୂତନ ଧାରଣା</u>

- ଉପନିଷଦ
- ଜୈନଧର୍ମ
- ବୌଦ୍ଧଧର୍ମ

<u>ପୂର୍ବତମ ସାମ୍ରାଜ୍ୟ</u>

- ସାମ୍ରାଜ୍ୟର ସମ୍ପ୍ରସାରଣ
- ଅଶୋକ
- ପ୍ରଶାସନ

<u>ସହର ଏବଂ ଗ୍ରାମ୍ୟ ଜୀବନ</u>

- ଦ୍ୱିତୀୟ ସହରୀକରଣ
- ସଘନ କୃଷି
- ଘଟଣା ଅଧ୍ୟୟନ- ତାମିଲନାଡୁ

<u>ଦୂରବର୍ତ୍ତୀ ଭୂଖଣ୍ଡ ସହିତ ସମ୍ପର୍କ</u>

- ସଙ୍ଗମ ପାଠ ଏବଂ ଦୂର ବିନିମୟ
- ପ୍ରସ୍ତାବିତ ଅଞ୍ଚଳ: ତାମିଲ୍ ଅଞ୍ଚଳ, ଦକ୍ଷିଣ ପୂର୍ବ ଏସିଆ ଏବଂ ପଶ୍ଚିମକୁ ସମ୍ପ୍ରସାରଣ ।
- ଦୂରବର୍ତ୍ତୀ ଭୂଖଣ୍ଡରୁ ଅଭିଯାନକାରୀ:

ଟିପ୍ପଣୀ

- ହରପ୍ପା ସଭ୍ୟତା ର ବସତି ସ୍ଥାପନ ବ୍ୟବସ୍ଥା ।
- ଅଦ୍ୱିତୀୟ ସ୍ଥାପତ୍ୟ ର ବୈଶିଷ୍ଟ୍ୟ
- ହସ୍ତଶିଳ୍ପ ଉତ୍ପାଦନ/ ପ୍ରସ୍ତୁତି
- ସହରୀର ଅର୍ଥ
- ଘଟଣା ଅଧ୍ୟୟନ ଉତ୍ତର - ପଶ୍ଚିମ

ବିଭିନ୍ନ ଜୀବନ ଶୈଳୀ

- ବେଦ ସମୂହ ଏବଂ ସେସବୁ ପ୍ରଦାନ କରୁଥିବା ଶିକ୍ଷା
- ସମସାମୟିକ ବସତି
- ଘଟଣା ଅଧ୍ୟୟନ ଉତ୍ତର-ପଶ୍ଚିମ ଏବଂ ଦାକ୍ଷିଣାତ୍ୟ

ପ୍ରାକ୍ ପ୍ରଦେଶମାନ

- ଜନ ପଦରୁ ମହାଜନପଦ
- ଘଟଣା ଅନୁଧ୍ୟାନ ବିହାର, ମଗଧ

ଉତ୍ତର ପାଶ୍ଚାତ୍ୟ ଏବଂ ପଶ୍ଚିମ ଭାରତ ।

- ବୌଦ୍ଧ ଧର୍ମର ପ୍ରସାର:

ଉତ୍ତର ଭାରତ ରୁ ମଧ୍ୟ ଏସିଆ

ରାଜନୈତିକ ବିକାଶ

- ଗୁପ୍ତ ସାମ୍ରାଜ୍ୟ ଏବଂ ହର୍ଷବର୍ଦ୍ଧନ
- ପଲ୍ଲବ ଏବଂ ଚାଲୁକ୍ୟ

ସଂସ୍କୃତି ଏବଂ ବିଜ୍ଞାନ

- ପୁରାଣ, ମହାକାବ୍ୟ, ଅନ୍ୟ ସଂସ୍କୃତି ଏବଂ ତାମିଲ୍ କୃତି ସହିତ ସାହିତ୍ୟ
- ପ୍ରାରମ୍ଭିକ ମଠ ଏବଂ ମନ୍ଦିର, ଭାସ୍କର୍ଯ୍ୟ, ଚିତ୍ର(ଅଜନ୍ତା) ସହିତ ସ୍ଥାପତ୍ୟ; ବିଜ୍ଞାନ ।

## ଶ୍ରେଣୀ – ସପ୍ତମ: ଆମ ଅତୀତ – II

କେଉଁଠି, କେତେବେଳେ ଏବଂ କିପରି

- ମାନଚିତ୍ରରେ ଉପମହାଦେଶ ଓ ଏହାର ଅଞ୍ଚଳକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ଶବ୍ଦାବଳୀ
- ସମୟ ସାରଣୀର ରୂପରେଖ ଏବଂ ଗୁରୁତ୍ୱପୂର୍ଣ୍ଣ ବିକାଶ ।
- ଉତ୍ସର ସଂକ୍ଷିପ୍ତ ବର୍ଣ୍ଣନା ।

ନୂତନ ରାଜ୍ୟ ଏବଂ ରାଜା

- ରାଜନୈତିକ ବିକାଶ ର ପ୍ରାଥମିକ ଚିଠା ଖ୍ରୀ.ପୂ ୭୦୦-୧୨୦୦ ।
- କୃଷି ବିଷୟକ ସହିତ ଚୋଳଙ୍କର ଏକ ଘଟଣା ଅଧ୍ୟୟନ ।
- ତାମିଲ ଅଞ୍ଚଳରେ ସମ୍ପ୍ରସାରଣ

ଦିଲ୍ଲୀ ସୁଲତାନ୍‌ମାନେ

- ସାଧାରଣ ଅବଲୋକନ
- ଅଦାଲତ, ଉଚ୍ଚପଦ ଏବଂ ଜମି ନିୟନ୍ତ୍ରଣ / ମାଲିକାନା
- ତୋଗ୍‌ଲକ୍‌ଙ୍କ ଘଟଣା ଅଧ୍ୟୟନ

ସାମ୍ରାଜ୍ୟ ଗଠନ

- ମୋଗଲ ସାମ୍ରାଜ୍ୟ ବୃଦ୍ଧିର

ସହର, ବ୍ୟବସାୟୀ ଏବଂ କାରିଗର

- ବିଭିନ୍ନ ସହରୀ କେନ୍ଦ୍ର, ସହର ଅଦାଲତ ।
- ତୀର୍ଥଯାତ୍ରୀ କେନ୍ଦ୍ର, ବନ୍ଦର ଏବଂ ବାଣିଜ୍ୟିକ ସହର
- ଘଟଣା ଅଧ୍ୟୟନ- ହାମ୍ପି, ମଛଲିପଟନମ୍, ସୁରଟ ।

ସାମାଜିକ ପରିବର୍ତ୍ତନ:

ଭ୍ରାମ୍ୟମାଣ ଓ ସ୍ଥାୟୀ ଗୋଷ୍ଠୀ

- ଆଦିବାସୀ, ଯାଯାବର ଏବଂ ଭ୍ରମଣଶୀଳ ଗୋଷ୍ଠୀ ସଂକ୍ରାନ୍ତ ଆଲୋଚନା ।
- ଜାତି ବ୍ୟବସ୍ଥାରେ ପରିବର୍ତ୍ତନ
- ରାଷ୍ଟ୍ର ଗଠନର ଘଟଣା ଅଧ୍ୟୟନ ଗୋଣ୍ଡ, ଅହୋମ

ଲୋକପ୍ରିୟ ଧାରଣା/ବିଶ୍ୱାସ ଏବଂ ଧାର୍ମିକ ତର୍କ

- ବିଶ୍ୱାସ ବ୍ୟବସ୍ଥା, ବିଧି ବିଧାନ, ତୀର୍ଥସ୍ଥାନ ଏବଂ ସମକାଳୀକ

ରୂପରେଖ ।

- ଅନ୍ୟ ଶାସକ, ପ୍ରଶାସକ ଏବଂ ଅଦାଲତ ସହିତ ସମ୍ପର୍କ ।
- କୃଷି ସମ୍ବନ୍ଧୀୟ ଦଲିଲ ।
- ଆକବରଙ୍କ ଏକ ଘଟଣା ଅଧ୍ୟୟନ

<u>କ୍ଷମତା ରୂପରେ ସ୍ଥାପତ୍ୟ: ଦୁର୍ଗ ଏବଂ ପବିତ୍ର ସ୍ଥାନ</u>

- ଦେଶ ର ବିଭିନ୍ନ ସ୍ଥାନରେ ବିଭିନ୍ନ ସ୍ମୃତି ସ୍ତମ୍ଭ ସ୍ଥାପତ୍ୟ ।
- ଶାହାଜାହାନଙ୍କର ପୃଷ୍ଠ ପୋଷକତାରେ ନିର୍ମିତ ସ୍ଥାପତ୍ୟର ଘଟଣା ଅଧ୍ୟୟନ ।

ପୂଜା ପଦ୍ଧତି ର ସମୀକ୍ଷା ।

- ଘଟଣା ଅଧ୍ୟୟନ - କବୀର

<u>ଆଞ୍ଚଳିକ ସଂସ୍କୃତିର ବିକାଶ</u>

- ଆଞ୍ଚଳିକ ଭାଷା, ସାହିତ୍ୟ, ଚିତ୍ର ସଂଗୀତର ସମୀକ୍ଷା
- ଏକ ଘଟଣା ଅଧ୍ୟୟନ- ବେଙ୍ଗଲ

<u>ଅଷ୍ଟାଦଶ ଶତାବ୍ଦୀର ନୂତନ ରାଜନୈତିକ ସଂଗଠନ</u>

- ଉପମହାଦେଶରେ ସ୍ୱାଧୀନ ଏବଂ ସ୍ୱୟଂଶାସିତ ରାଜ୍ୟ
- ଏକ ଘଟଣା ଅଧ୍ୟୟନ- ମରାଠା

## ଶ୍ରେଣୀ - ଅଷ୍ଟମ: ଆମ ଅତୀତ - III

<u>କେଉଁଠି,.କେତେବେଳେ ଏବଂ କିପରି</u>

- ଶାସନର ଅବଲୋକନ
- ନୂତନ ଭୌଗୋଳିକ ବିଭାଗ ର ଉପକ୍ରମ ।
- ସମୟ ସାରଣୀର ରୂପରେଖ
- ବିଭିନ୍ନ ଉତ୍ସର ପରିଚୟ ।

<u>କମ୍ପାନୀ କ୍ଷମତାର ପ୍ରତିଷ୍ଠା</u>

- ବ୍ୟାପାରିକ ଏବଂ ବାଣିଜ୍ୟ ଯୁଦ୍ଧ
- ଅଞ୍ଚଳ ପାଇଁ ସଂଗ୍ରାମ, ଭାରତୀୟ ଶାସକ ମାନଙ୍କ ସହିତ ଯୁଦ୍ଧ
- ଉପନିବେଶ ସୈନ୍ୟବାହୀନୀ ଏବଂ ନାଗରିକବାହିନୀ ବିକାଶ ।
- ପ୍ରଶାସନ । ଆଞ୍ଚଳିକ ଗୁରୁତ୍ୱ: ତାମିଲ୍‌ନାଡୁ

<u>ଗ୍ରାମ୍ୟ ଜୀବନ ଓ ସମାଜ</u>

- ଉପନିବେଶୀୟ କୃଷି ସମ୍ବନ୍ଧୀୟ ନୀତି; କୃଷକ ଏବଂ ଜମିଦାର ମାନଙ୍କ ଉପରେ ଏହାର ପ୍ରଭାବ
- ଅର୍ଥକାରୀ ଫସଲର ବୃଦ୍ଧି
- ରଇତ ଆନ୍ଦୋଳନ: ହରିତବିପ୍ଳବକୁ ଗୁରୁତ୍ୱ

<u>ମହିଳା ଏବଂ ସଂସ୍କାର</u>

- ସତୀ, ବିଧବା ବିବାହ, ବାଲ୍ୟ ବିବାହ, ଏବଂ ସମ୍ମତି ବୟସର ତର୍କ
- ନାରୀ ଏବଂ ନାରୀ ଶିକ୍ଷାର ବ୍ୟବସ୍ଥା/ସ୍ଥିତି ଉପରେ ବିଭିନ୍ନ ସଂସ୍କାରକ ଧାରଣା ।
- ଆଞ୍ଚଳିକ ଗୁରୁତ୍ୱ: ମହାରାଷ୍ଟ୍ର ଏବଂ ବଙ୍ଗଳା

<u>ଜାତି ବ୍ୟବସ୍ଥାକୁ ଆହ୍ୱାନ୍</u>

- ଜାତି ସଂସ୍କାର ପାଇଁ ବିତର୍କ ଫୁଲେ, ବୀରସଲିଙ୍ଗମ, ଶ୍ରୀ ନାରାୟଣ ଗୁରୁ, ପେରିୟାର, ଗାନ୍ଧୀ, ଆମ୍ବେଦକରଙ୍କ ବିଚାର ।
- ସଂସ୍କାରକ ମାନଙ୍କ କାର୍ଯ୍ୟ ର ଫଳାଫଳ ଏବଂ ପ୍ରଭାବ
- ଅଞ୍ଚଳ: ମହାରାଷ୍ଟ୍ର, ଆନ୍ଧ୍ର

<u>ଉପନିବେଶବାଦ ଏବଂ ସହର ପରିବର୍ତ୍ତନ</u>

- ଅଣନଗରୀ କରଣ ଏବଂ ନୂତନ ସହରର ଆବିର୍ଭାବ ।

ଟିପ୍ପଣୀ

- ଆଞ୍ଚଳିକ ଗୁରୁତ୍ୱ: ବଙ୍ଗଳା ଏବଂ ବିହାର । ପଞ୍ଜାବର ପରବର୍ତ୍ତୀ ବିକାଶ ସହିତ କିଛି ତୁଳନା ।

ଉପନିବେଶବାଦ ଏବଂ ଆଦିବାସୀ ସମାଜ

- ଊନବିଂଶ ଶତାବ୍ଦୀରେ ଜନଜାତି ଅର୍ଥନୀତି ଏବଂ ସମାଜରେ ପରିବର୍ତ୍ତନ ।
- ଆଦିବାସୀ ବିପ୍ଳବ - ବିର୍ସାମୁଣ୍ଡାଙ୍କୁ ଗୁରୁତ୍ୱ ।
- ଆଞ୍ଚଳିକ ଗୁରୁତ୍ୱ: ଛୋଟନାଗପୁର ଏବଂ ଉତ୍ତର - ପୂର୍ବାଞ୍ଚଳ

କାରିଗରୀ ଏବଂ ଶିଳ୍ପାନୁଷ୍ଠାନ

- ଊନବିଂଶ ଶତାବ୍ଦୀ ରେ ହସ୍ତଶିଳ୍ପର ଅବନତି ।
- ବିଂଶ ଶତାବ୍ଦୀ ରେ ଶିଳ୍ପାନୁଷ୍ଠାନ ଗୁଡିକ ର ବୃଦ୍ଧିର ସଂକ୍ଷିପ୍ତ ପ୍ରସଙ୍ଗ

୧୮୫୭-୫୮ ର ବିପ୍ଳବ

- ସୈନ୍ୟବାହିନୀରେ ବିଦ୍ରୋହାଚରଣ ଏବଂ ଆନ୍ଦୋଳନର ବିସ୍ତାର ।
- ସମ୍ଭ୍ରାନ୍ତ ସମାଜର ପ୍ରକୃତି ଏବଂ ରଇତମାନଙ୍କ ଅଂଶଗ୍ରହଣ ।
- ଆଞ୍ଚଳିକ ଗୁରୁତ୍ୱ: ଅଓ୍ୱଧ

ଶିକ୍ଷା ଏବଂ ବ୍ରିଟିଶ୍ ଶାସନ

- ନୂତନ ଶିକ୍ଷା ବ୍ୟବସ୍ଥା-ବିଦ୍ୟାଳୟ, ପାଠ୍ୟଖସଡ଼ା, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ପ୍ରଶିକ୍ଷଣ ।
- ସ୍ଥାନୀୟ ବ୍ୟବସ୍ଥାର ପରିବର୍ତ୍ତନ
- 'ଜାତୀୟ ଶିକ୍ଷା'ର ବିକାଶ
- କାହାଣୀ ଅଧ୍ୟୟନ: ବରୋଦା, ଆଲିଗଡ଼
- ଉପନିବେଶୀୟ ନୀତି ଏବଂ ଅନୁଷ୍ଠାନର ନିହିତାର୍ଥ - ପୌର ପାଳିକା, ସର୍ବସାଧାରଣ କାର୍ଯ୍ୟ, ଯୋଜନା, ରେଳଲାଇନ୍ ସଂଯୋଗ, ପୋଲିସ୍ ।
- ଘଟଣା ଅଧ୍ୟୟନ - ଦିଲ୍ଲୀ

କଳା ରେ ପରିବର୍ତ୍ତନ: ଚିତ୍ର, ସାହିତ୍ୟ ଏବଂ ସ୍ଥାପତ୍ୟ

- ନୂତନ ପ୍ରଯୁକ୍ତି ବିଦ୍ୟା ଏବଂ ଶିଳ୍ପାନୁଷ୍ଠାନ ର ପ୍ରଭାବ: କଳା ବିଦ୍ୟାଳୟ, ପୁସ୍ତକ ପ୍ରକାଶନ କମ୍ପାନୀ ।
- ପାଶ୍ଚାତ୍ୟ ଶିକ୍ଷା ଶୈଳୀ ଏବଂ ରଷ୍ଟ୍ରବାଦୀ କଳା ।
- କଳା କାର୍ଯ୍ୟ ସମ୍ପାଦନ ର ପରିବର୍ତ୍ତନ ସର୍ବସାଧାରଣ ରଙ୍ଗଭୂମିରେ ସଙ୍ଗୀତ ଏବଂ ନୃତ୍ୟର ପ୍ରବେଶ
- ଲିଖନର ନୂତନ ରୂପ ।
- ନୂତନ ସ୍ଥାପତ୍ୟ
- ଘଟଣା ଅଧ୍ୟୟନ -ମୁମ୍ବାଇ, ଚେନ୍ନାଇ

ଜାତୀୟତାବାଦୀ ଆନ୍ଦୋଳନ

- ୧୮୭୦ ରୁ ୧୯୪୦ ମଧ୍ୟରେ ଜାତୀୟତା ବାଦୀ ଆନ୍ଦୋଳନର ସମୀକ୍ଷା
- ଆନ୍ଦୋଳନ ମଧ୍ୟରେ ବିବିଧ ପ୍ରବୃତ୍ତି ଏବଂ ବିଭିନ୍ନ ସାମାଜିକ ଗୋଷ୍ଠୀର ସଂପୃକ୍ତି ।
- ସାମ୍ବିଧାନିକ ପରିବଉନ ସହିତ ଜଡ଼ିତ ।
- ଘଟଣା ଅଧ୍ୟୟନ- ଖିଲାଫତ୍ ରୁ ଅସହଯୋଗ ଆନ୍ଦୋଳନ ।

ସ୍ୱାଧୀନତା ପର ଭାରତ

- ୧୯୪୭ ମସିହାଠାରୁ ଜାତୀୟ ଏବଂ ଆଞ୍ଚଳିକ ବିକାଶ ।
- ଅନ୍ୟ ଦେଶ ମାନଙ୍କ ସହିତ ସମ୍ପର୍କ ।
- ଭବିଷ୍ୟତ ପ୍ରତି ଦୃଷ୍ଟି

ଟିପ୍ପଣୀ

## ୩.୫ ସାମାଜିକ ବିଜ୍ଞାନରେ ଇତିହାସର ଗୁରୁତ୍ୱ

ଆମେମାନେ କାହିଁକି ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟସୂଚୀ ରେ ଇତିହାସ କୁ ଅଧ୍ୟୟନ କରିବା ? ଏହି ପ୍ରଶ୍ନ ର ବିବିଧ ଉତ୍ତର ରହିଛି ଏହି ବିଷୟରେ ବିସ୍ତୃତ ଆଲୋଚନା କରିବା ପୂର୍ବରୁ ସାମାଜିକ ବିଜ୍ଞାନ, ସମାଜ ଏବଂ ମନୁଷ୍ୟ ମଧ୍ୟରେ ଥିବା ସମ୍ପର୍କର ଏକ ବିଭର୍ଦ୍ଧାଲୋକନ କରିବା ଅଧ୍ୟୟନ । ଏହି ଅଧ୍ୟୟନ, ଗୋଟିଏ ପଟେ ସମାଜ ଓ ମନୁଷ୍ୟ ମଧ୍ୟରେ ଥିବା ସମ୍ପର୍କ ର ବିଷୟରେ ବାଞ୍ଛିତ ଜ୍ଞାନ ଓ ବୋଧ ପାଇବାରେ ସାହାଯ୍ୟ କରୁଥିବାବେଳେ ଅନ୍ୟପଟେ ଯୁବ ବର୍ଗ କୁ ସମାଜ ଓ ଦେଶପ୍ରତି ଥିବା ସେମାନଙ୍କର ଦାୟିତ୍ୱ ପ୍ରତି ପ୍ରସ୍ତୁତ କରାଏ । ଜଣେ ଶୀକ୍ଷାଦାତା/ ପ୍ରଶିକ୍ଷଣ ରୂପେ, ଆମେ ଆମର ପିଲାମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ, ସମସ୍ୟା ର ଜଟିଳତାକୁ ଉପଲବ୍ଧି କରାଇବା ଆବଶ୍ୟକ । ଆମେ ଚାହୁଁ, ସେମାନେ କେଉଁଟି ଗୁରୁତ୍ୱପୂର୍ଣ୍ଣ ଓ କେଉଁଟି ଗୁଗୁତ୍ୱପୂର୍ଣ୍ଣ ନୁହେଁ, ତାହାର ବିଚାର କରିବାରେ ସକ୍ଷମ ହୁଅନ୍ତୁ । ସାମାଜିକ ବିଜ୍ଞାନ ଶୃଙ୍ଖଳା ଦ୍ୱାରା ପ୍ରଦତ୍ତ ଜ୍ଞାନ ଦ୍ୱାରା ଛାତ୍ର ସମୟ କ୍ରମରେ ବ୍ୟକ୍ତି, ଘଟଣା, ଧାରଣା ଇତ୍ୟାଦି ର ମିଳନ ରେ କିପରି ପରିବର୍ତ୍ତନ ଘଟୁଛି ତାହା ଜାଣିବା ସହ ବିଭିନ୍ନ ପରିସ୍ଥିତି ଓ ଶକ୍ତି କିପରି ମନୁଷ୍ୟ ସମାଜରେ ଧାରାବାହିକତା ଅବଲମ୍ବନ କରେ ତାହା ମଧ୍ୟ ଜାଣିବାକୁ ପାଇଥାଏ । ଯଦି ଏହା ସାମାଜିକ ବିଜ୍ଞାନ ର ଉପଲବ୍ଧି, ତେବେ ବର୍ତ୍ତମାନ ଇତିହାସ ଘଟଣାବଳୀ ର ଶିକ୍ଷାଦାନ କିପରି ମନୁଷ୍ୟ ସମାଜ ଓ ତାହାର ସଂପର୍କ ପ୍ରତି ଅଂଶଦାନ କରିଥାଏ ?

- ପ୍ରଥମତଃ, ଏକବିଂଶ ଶତାବ୍ଦୀରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିପ୍ଳବ ଯୋଗୁଁ ସମଗ୍ର ପୃଥିବୀ ଏକ ଛୋଟିଆ ସ୍ଥାନରେ ପରିଣତ ହୋଇଅଛି । ପୃଥିବୀପୃଷ୍ଠ ରେ ମନୁଷ୍ୟ ର ଶାନ୍ତିପୂର୍ଣ୍ଣ ଜୀବନ ଓ ପ୍ରତିପୋଷଣ ପାଇଁ ପୃଥିବୀ ରେ ଥିବା ଛୋଟ ଓ ବଡ଼ ଦେଶମାନଙ୍କ ମଧ୍ୟରେ ପାରସ୍ପରିକ ସଦିଚ୍ଛା ଓ ଭାବନା ଶକ୍ତି ର ଆବଶ୍ୟକତା ରହିଛି । ଅତଏବ ପରସ୍ପର କୁ ଭଲରେ ଜଣିବା ପାଇଁ ଏକ ସାଧାରଣ ଇଚ୍ଛା ରହିଅଛି । ଏହି ପରିପ୍ରେକ୍ଷୀ ରେ ଇତିହାସ ଶିକ୍ଷା ଏହି ଆବଶ୍ୟକତା କୁ ପୂରଣ କରିଥାଏ ।
- ଦ୍ୱିତୀୟତଃ, ପିଲାମାନଙ୍କ ମନରେ ଇତିହାସ ରୁ ଅନ୍ୟ ବିଷୟଗୁଡିକ ଯଥା ବିଜ୍ଞାନ ଏବଂ ଗଣିତ କୁ ଶିକ୍ଷା ଦିଆଯାଏ; ତଥାପି ଇତିହାସ ର ଉତ୍ତମ ଯୋଜନ ବଦ୍ଧ ପାଠ୍ୟଖସଡ଼ା ପିଲାମାନଙ୍କୁ ବୈଜ୍ଞାନିକ ଆବିଷ୍କାର ଏବଂ ଗାଣିତିକ କୌଶଳର ଉଦ୍ଭାବନ କରିବାରେ ଐତିହାସିକ ପରିପ୍ରେକ୍ଷୀରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ ଗଳ୍ପ ସମୂହ, ଏହା ବିଜ୍ଞାନ ଏବଂ ଗଣିତ ବିଷୟରେ ପିଲାମାନଙ୍କୁ ଅଧିକ ବୋଧ ଶକ୍ତି ଦେବାରେ ସକ୍ଷମ ହୋଇ ପାରିବ ।
- ତୃତୀୟତଃ, ଇତିହାସ ଶିକ୍ଷା ଶିକ୍ଷାର୍ଥୀ ଠାରେ ନୈତିକ ମୂଲ୍ୟବୋଧ ର ବିକାଶ କରାଇଥାଏ । ଏହା ଯୁବପିଢି ଙ୍କ ମନରେ ନୈତିକ ଅଭିବୃଦ୍ଧି କରାଇ କେଉଁଠି ଠିକ୍ ଏବଂ କେଉଁଠି ଭୁଲ୍ ଜାଣିବାରେ ସାହାଯ୍ୟ କରେ । ଏହା ଆମ ପିଲାମାନଙ୍କ ମନରେ ଦେଶପ୍ରେମ କୁ ସୃଷ୍ଟି କରିବାରେ ସାହାଯ୍ୟ କରେ । ଆମ ଅତୀତର ଗୌରବ ଏବଂ ସମୃଦ୍ଧ ସାଂସ୍କୃତିକ ପରମ୍ପରା ପିଲାମାନଙ୍କୁ ଗର୍ବ ଅନୁଭବ କରାଇବା ସହ ମାତୃଭୂମି ପ୍ରତି ଭଲପାଇବା କୁ ପ୍ରେରଣା ଦେଇଥାଏ ।
- ଚତୁର୍ଥତଃ, ଇତିହାସର ଶିକ୍ଷା, ଶିକ୍ଷାର୍ଥୀ ମାନଙ୍କ ଠାରେ ମହାପୁରୁଷ ମାନଙ୍କର କାର୍ଯ୍ୟଗୁଡ଼ିକୁ ଅଧ୍ୟୟନ କରିବାର ଇଚ୍ଛା ଉତ୍ପନ୍ନ କରିଥାଏ । ଏହି କୌତୁହଳ ସେମାନଙ୍କୁ ମହାନ ପୁରୁଷ ଏବଂ ମହିଳା ମାନଙ୍କ ଜୀବନୀ ର ଅଧ୍ୟୟନ କରିବା ପାଇଁ ସାହାଯ୍ୟ କରିଥାଏ । ଏହି ଶିକ୍ଷାଦ୍ୱାରା ସେମାନଙ୍କର ଭାବନା ଉଚ୍ଚଆଦର୍ଶ ଓ ମୂଲ୍ୟବୋଧ ଆଡ଼କୁ ନିର୍ଦ୍ଦେଶିତ ହେବ ।
- ପଞ୍ଚମତଃ, ଇତିହାସର ଅଧ୍ୟୟନ ଦ୍ୱାରା ଆମପିଲାମାନେ ବୁଝିପାରିବେ ଯେ କେଉଁ ପରି ଭାବେ ଅନ୍ୟ ସମୟରେ ଓ ଅନ୍ୟସ୍ଥାନରେ ଲୋକମାନେ ସତ୍ୟର ଅସ୍ତିତ୍ୱକୁ ଏବଂ ନ୍ୟାୟ ଓ ବ୍ୟକ୍ତିଗତ ଦାୟିତ୍ୱକୁ ମଧ୍ୟ ଦୃଢଭାବେ ଧରିରଖିବାରେ ସକ୍ଷମ ହୋଇପାରିଛନ୍ତି । ମାନବିକତା, ପ୍ରସିଦ୍ଧ

ଟିପ୍ପଣୀ

ଚିନ୍ତାନାୟକ ଧାରଣା, ମୁଖ୍ୟ ଉପାସନା ପଦ୍ଧତି ଏବଂ ପ୍ରଧାନ ଦାର୍ଶନିକ ପରମ୍ପରା ଅଧ୍ୟୟନ ଦ୍ୱାରା ବିବିଧ ଉପାୟରେ ଆମ ଛାତ୍ରଛାତ୍ରୀମାନେ ଲୋକଙ୍କର ବିଭିନ୍ନ ସମୟରେ ସଂଗ୍ରାମ ଉପରେ ଆଲୋକପାତ କରିପାରିବେ ଏବଂ ତାହାକୁ ବର୍ତ୍ତମାନ ଆମ ପାଇଁ ଫଳାଫଳ କ'ଣ ଅଛିସେ ସଂକ୍ରାନ୍ତରେ ବିଚାର କରିପାରିବେ ।

- ପରିଶେଷରେ, ଏହା ଆମ ପିଲାମାନଙ୍କୁ ସ୍ମରଣଶକ୍ତି, କଳ୍ପନା ଶକ୍ତି, ଏବଂ ବିଚାର ଶକ୍ତି ଗ୍ରହଣ କରିବାରେ ସାହାଯ୍ୟ କରିଥାଏ ।

ତୁମ ଅଗ୍ରଗତି ଆକଳନ - ୩

ଟିପ୍ପଣୀ: (i) ତୁମର ଉତ୍ତର କୁ ତଳେ ଦିଆଯାଇଥିବା ଖାଲି ସ୍ଥାନରେ ଲେଖ ।

(ii) ଏକକ ଶେଷରେ ଦିଆଯାଇଥିବା ଉତ୍ତର୍ କୁ ନିଜ ଉତ୍ତର ସହ ତୁଳନା କର ।

୧. ଇତିହାସ କିପରିଭାବେ ପିଲାମାନଙ୍କ ମଧ୍ୟରେ ନୈତିକତା ଓ ମୂଲ୍ୟବୋଧତା ସୃଷ୍ଟିକରେ ?

୨. ପ୍ରାଥମିକ ଶିକ୍ଷା କ୍ଷେତ୍ର ରେ ଇତିହାସ ଶିକ୍ଷାର ତିନୋଟି ସାମାଜିକ ମୂଲ୍ୟ ବର୍ଣ୍ଣନା କର ।

୩. ଇତିହାସ ପରିପ୍ରେକ୍ଷରେ କେଉଁ ପରି ଭାବେ ବିଜ୍ଞାନ ଓ ଗଣିତ ପଢ଼ାଯାଇ ପାରିବ ?

## ୩.୬ ଅତୀତ କୁ ବଝିବା ପାଇଁ ଐତିହାସିକ ପ୍ରବେଶମାର୍ଗ:

ନିଜ ହେତୁ ପାଇଁ ଆମେ ସମସ୍ତେ ଇତିହାସ ଅଧ୍ୟୟନ କରିଥାଉ । ଆମ ଅତୀତ ବିଷୟରେ ଜଣିବାକୁ ଚାହିଁ ଥାଉ, କାରଣ ଆମେ ଏହାକୁ କଷ୍ଟକର, ଆଗ୍ରହ ଉଦ୍ଦୀପକ, ଉଲ୍ଲାସକ ଓ ବିଷାଦଗ୍ରସ୍ତ ଭାବରେ ପାଇଥାଉ । ଆମେ ସମସ୍ତେ ବିଶ୍ୱାସ କରୁ ଯେ ବିଭିନ୍ନ ସମୟ ଏବଂ ସ୍ଥାନରେ ନାରୀ ଓ ପୁରୁଷ କ୍ଷେତ୍ରରେ ନିଜର ଅଭିଜ୍ଞତା କୁ ପ୍ରସାରିତ କରି ଇତିହାସ ଆମକୁ ନିଜ ବିଷୟରେ ଏବଂ ଅନ୍ୟମାନଙ୍କ ବିଷୟରେ ବିଭିନ୍ନ ମୂଲ୍ୟବାନ କଥା ଶିକ୍ଷା ଦେଇଥାଏ । ବର୍ତ୍ତମାନ ତୁମେମାନେ ଜାଣିବା ପାଇଁ କୌତୁହଳୀ ହୋଇଉଠିବଣି ଯେ, କିପରି ଐତିହାସିକମାନେ ଅତୀତର ପୁନରୁଦ୍ଧାର କରୁଥିଲେ (ବାର୍ତ୍ତା, ତଥ୍ୟ, ଘଟଣା ଇତ୍ୟାଦି) । ସେମାନେ କିପରି ଅତୀତ ର ଅନୁସନ୍ଧାନ ଓ ବିଶ୍ଳେଷଣ କରୁଥିଲେ ? ଯେପରି ତୁମେ ଜାଣିଛ, ପୂର୍ବରୁ ଅତୀତ ବର୍ତ୍ତମାନ ପରି ଦୃଢ଼ ନଥିଲା । ଅତୀତ ବିଷୟରେ ଜାଣିବା ପାଇଁ ଆମେ ସାଧାରଣତଃ ବିଭିନ୍ନ ଉତ୍ସ ଉପରେ ନିର୍ଭର କରିଥାଉ । ଉଦାହରଣ ସ୍ୱରୂପ, ଭାରତର ସଂଗ୍ରାମ ର କାରଣ । ଭାରତରେ ଏମିତି ଗୋଟିଏ ମଧ ଉତ୍ସ ଉପଲବ୍ଧ ନୁହେଁ ଯାହାକି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସମସ୍ତ କାରଣ ଗୁଡିକୁ କ୍ରମାନ୍ୱୟରେ ବର୍ଣ୍ଣନା କରିପାରିବ । ତେଣୁ ଆମକୁ ବିଭିନ୍ନ ଉତ୍ସ ଯେପରିକି ଲୋକମାନଙ୍କ ମଧ୍ୟରେ ପତ୍ର, ଖବର କାଗଜ, ଯୁଦ୍ଧର ଗୁଳି, କୌଣସି ସମୟରେ ଲେଖାଯାଇଥିବା ବହି, ବକ୍ତୃତା, କୌଣସି ସମୟରେ ଦକ୍ଷ ବ୍ୟକ୍ତି ମାନଙ୍କ ସହ ସାକ୍ଷାତକାର ଇତ୍ୟାଦି ବିଚାରକୁ ନେବାକୁ ହେବ । ବର୍ତ୍ତମାନ ତୁମେ ମାନେ ଏକ ପ୍ରଶ୍ନ ଉଠାଇବ ଯେ, କାହିଁକି ଆମେ ଏହି ସମସ୍ତ ଉତ୍ସ କୁ ବିଚାରକୁ ନେବା ? କାରଣ ଆମ ମାନଙ୍କ ମଧ୍ୟରୁ କେହି ସେହି ସମୟର ନୁହଁନ୍ତି ଏବଂ ନା ଆମ ପାଖରେ କେହି ପ୍ରତ୍ୟକ୍ଷଦର୍ଶୀ ଅଛନ୍ତି । ପୁନଶ୍ଚ, ଆମେ କୌଣସି କାରଣ ସପକ୍ଷ ରେ କୌଣସି ଯୁକ୍ତି ର ଉତ୍ସ କୁ ଅସ୍ୱୀକାର କରିପାରିବା ନାହିଁ । ଏଣୁ ଆମେ ବିଭିନ୍ନ ଉତ୍ସରୁ ଆହରଣ କରାଯାଇଥିବା ଅନେକ ଗୁଡ଼ିଏ ଶିକ୍ଷଣୀୟ ଅନୁମାନ ଏବଂ ସୂଚନା ଗୁଡ଼ିକର ବ୍ୟାଖ୍ୟାକରଣ କୁ ବିଭିନ୍ନ କାରଣର ସମାପ୍ତିରେ ପହଞ୍ଚିବା ପାଇଁ ବ୍ୟବହାର କରିପାରିବା । ସେହିପରି ଐତିହାସିକମାନେ ହେଉଛନ୍ତି ସେହିମାନେ ଯେଉଁମାନେ କି, ଅତୀତରକୁ ଅନୁସନ୍ଧାନ କରନ୍ତି, ଯେପରିକି ସମୟାନୁସାରେ ପୁରାତନ ଲୋକମାନଙ୍କ ଦ୍ୱାରା ଲିଖିତ ପୁରାତନ ଐତିହାସିକ ନଥି, କୌଣସି ଐତିହ୍ୟ, କୀର୍ତ୍ତିମାନ, ଶିଳାଲେଖ, ଲୋକକଥା, ପ୍ରାଚୀର ଲିଖନ, ପାହାଡ ଏବଂ ଗୁମ୍ଫାରେ ଖୋଦେଇ କରାଯାଇଥିବା ଲେଖର ବୟସ ନିର୍ଦ୍ଧାରଣ ପାଇଁ ବିଭିନ୍ନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଯେପରିକି ରେଡ଼ିଓ କାର୍ବନ ଡ଼େଟିଙ୍ଗ୍ । ସେଠାରେ କିଛି ଉତ୍ସ ଥାଏ ଯାହା ଦ୍ୱାରା ଐତିହାସିକମାନେ ଅତୀତ ବିଷୟରେ ଜାଣିବା ପାଇଁ ସନ୍ଧାନ କରିଥାନ୍ତି । ଉପର ଆଲୋଚନାରୁ ଏହା ସ୍ପଷ୍ଟ ଯେ, ସମାଜ ବିଜ୍ଞାନୀମାନେ ଅତୀତକୁ ଉଦ୍ଦେଶ୍ୟମୂଳକ ଭାବରେ ଜାଣିବା ପାଇଁ ଅନେକ ଗୁଡ଼ିଏ ଉତ୍ସକୁ ବ୍ୟବହାର କରିଥାନ୍ତି । ଏହିସବୁ ଗୁଡ଼ିକ

ଯେଉଁ ମୁଖ୍ୟ ପଦ୍ଧତିର ଅଧିନରେ ଆସୁଛି ତାହା ହେଉଛି ଐତିହାସିକ ଉପଦ୍ଧତି । ଏହିପରି ସମାଜ ବିଜ୍ଞାନୀମାନେ ଅତୀତକୁ ବୁଝିବା ପାଇଁ ଐତିହାସିକ ପଦ୍ଧତି ଗ୍ରହଣ କରିଥାନ୍ତି ।

ଚାଲ ଆମେ ଇତିହାସର ବିଭିନ୍ନ ଉତ୍ସକୁ ଆଲୋଚନା କରିବା ।

ଇତିହାସର ବିଭିନ୍ନ ଉତ୍ସ (ଉପଲବ୍ଧତା ଆଧାରରେ):

ଉପର ଆଲୋଚନାରୁ ଏହା ସ୍ପଷ୍ଟ ଯେ, ଐତିହାସିକ ମାନେ ଅତୀତରେ ଘଟଣାବଳୀ ବିଷୟରେ ସଠିକ୍ ତଥ୍ୟ ପାଇବା ପାଇଁ ସର୍ବଦା ବିଭିନ୍ନ ଉତ୍ସଉପରେ ନିର୍ଭର କରିଥାନ୍ତି । ଚାଲନ୍ତୁ, ବିଭିନ୍ନ ଐତିହାସିକ ଉତ୍ସ ଯଥା:- ପ୍ରତ୍ନତାତ୍ତ୍ୱିକ ଉତ୍ସ, ସାହିତ୍ୟିକ ଉତ୍ସ, ମୌଖିକ ପରମ୍ପରା ଉପରେ ସଂକ୍ଷେପରେ ଆଲୋଚନା କରିବା ।

(୧) ପ୍ରତ୍ନତାତ୍ତ୍ୱିକ ଉତ୍ସ:

ଏହା ତିନି ପ୍ରକାର ଉତ୍ସକୁ ନେଇ ଗଠିତ, ଯଥା:-

(କ) ସ୍ମୃତି ସ୍ତମ୍ଭ ଯେପରିକି ଅଟ୍ଟାଳିକା, ପ୍ରତିଛବି, ମାଟିରେ ତିଆରି ପାତ୍ର ଓ ବାଦାମୀ ଲାଲ୍ ରଙ୍ଗର ଚକ୍‌ଚକ୍ କରାହୋଇନଥିବା ପାତ୍ର ଏବଂ ଅନ୍ୟ ପ୍ରାଚୀନ କୀର୍ତ୍ତିରାଜ ।

(ଖ) ମୁଦ୍ରା ସମ୍ବନ୍ଧୀୟ ଅଧ୍ୟୟନରୁ ଏକତ୍ରିତ କରାଯାଇଥିବା ମୁଦ୍ରା ବିଷୟକ ପ୍ରମାଣ ।

(ଗ) ଶିଳାଫଳକରେ ଖୋଦିତ ଲିପି, ସ୍ତମ୍ଭ, ପ୍ରସ୍ତର, ତମ୍ବାଫଳକ, ଆଦି ଶିଳାଲେଖ ଅନ୍ତର୍ଗତ ଅଟେ ।

(୨) ସାହିତ୍ୟିକ ଉତ୍ସ:

ଏହି ଉତ୍ସଗୁଡ଼ିକୁ ତିନି ଭାଗରେ ବିଭକ୍ତ କରାଯାଇପାରେ ।

(କ) ପବିତ୍ର ଓ ଧାର୍ମିକ ସାହିତ୍ୟ:

ବେଦ, ମହାକାବ୍ୟ, ପୁରାଣ, ବୌଦ୍ଧ ଧର୍ମ ସାହିତ୍ୟ, ଜୈନ ଧର୍ମ ଗ୍ରନ୍ଥ ଇତ୍ୟାଦି ।

(ଖ) ଧର୍ମ ନିରପେକ୍ଷ ସାହିତ୍ୟ:

ଏହା ଦୁଇ ଶ୍ରେଣୀରେ ବିଭକ୍ତ:- ବ୍ୟକ୍ତିଗତ ସାହିତ୍ୟ ଓ ସରକାରୀ ସାହିତ୍ୟ । ନାଟକ, ଉପନ୍ୟାସ, କବିତା, ବ୍ୟାକରଣ ଓ ଜ୍ୟୋତିର୍ବିଦ୍ୟା ପୁସ୍ତକ, ଔଷଧ ଓ କଳା, ଜୀବନୀ, ଆତ୍ମଜୀବନୀ, ଡ଼ାଏରୀ ଇତ୍ୟାଦି ବ୍ୟକ୍ତିଗତ ସାହିତ୍ୟର ଅନ୍ତର୍ଭୁକ୍ତ ଅଟେ । ସରକାରୀ ଆଦେଶାବଳୀ ଅଦାଲତର ନିଷ୍ପତି ଇତ୍ୟାଦି ସରକାରୀ ସାହିତ୍ୟ ଅନ୍ତର୍ଭୁକ୍ତ ଅଟେ ।

(ଗ) ବୈଦେଶିକ ପରିସାକ୍ଷ୍ୟ:

ବିଦେଶୀମାନଙ୍କ ଦ୍ୱାରା ଲିଖିତ ପୁସ୍ତକ ଯେପରିକି ଫାହିୟାନ୍, ମେଗାସ୍ଥିନିସ୍ ଏହାର ଅନ୍ତର୍ଭୁକ୍ତ ଅଟନ୍ତି ।

(୩) ମୌଖିକ ପରମ୍ପରା ଆଞ୍ଚଳିକ ଇତିହାସ ବିଷୟରେ ସୂଚନା ପ୍ରଦାନ ନିମନ୍ତେ ସହାୟକ ଅଟେ । ଟୋଡ୍‌ଙ୍କ ଆଖ୍ୟାନ, ଦିପ୍‌ଭାମ୍‌ସା, ମହାଭାମ୍‌ସା ଏହାର ଅନ୍ତର୍ଭୁକ୍ତ ଅଟେ ।

**ଇତିହାସର ବିଭିନ୍ନ ଉତ୍ସ (ପ୍ରାମାଣିକ ଭିତ୍ତିରେ):-**

ଯଦି ଆମେ ଇତିହାସର ଘଟଣାବଳୀ ଗୁଡ଼ିକର ସମସ୍ତ ଉତ୍ସ ଗୁଡ଼ିକୁ ବର୍ଗୀକରଣ କରିବା ତେବେ ତାହା ଦୁଇଟି ମୁଖ୍ୟ ଶୀର୍ଷକରେ ବିଭକ୍ତ ହୋଇପାରିବ:- ପ୍ରାଥମିକ ଉତ୍ସ ଓ ଦ୍ୱିତୀୟକ ଉତ୍ସ । ଚାଲନ୍ତୁ, ପୁଙ୍ଖାନୁପୁଙ୍ଖ ଭାବରେ ଏହି ଉତ୍ସ ଗୁଡ଼ିକର ଆଲୋଚନା କରିବା ।

(୧) **ପ୍ରାଥମିକ ଉତ୍ସ:**

ଏହି ଉତ୍ସ ଗୁଡ଼ିକ ସେହି ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀ ଯେଉଁମାନେ କି ସେହି ଘଟଣା ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ବା ଏହାର ପ୍ରତ୍ୟକ୍ଷଦର୍ଶୀ । କ୍ଷୁଦ୍ର ସାଂସଦୀୟ ଓ ବିଚାରାଳୟ ସମ୍ବନ୍ଧୀୟ ଅଗ୍ରଗତି, ଆଇନ୍, ସନ୍ଧି, ରାଜ୍ୟର ସରକାରୀ ଦସ୍ତାବିଜ୍, ଆତ୍ମଜୀବନୀ ଆଦି ଏହି ଉତ୍ସର ଅନ୍ତର୍ଗତ । ସମୟାନୁସାରେ ପ୍ରମାଣ ଯେପରିକି ଜନଗଣନା, ଲୋକମାନଙ୍କ ମଧ୍ୟରେ ପତ୍ରର ଆଦାନ ପ୍ରଦାନ, ଫଟୋ ଚଳଚିତ୍ର, ବେତାର ଯନ୍ତ୍ର, ଖବର କାଗଜ, ସାକ୍ଷ୍ୟ ବିବରଣୀ, ପୁସ୍ତକ, କଳାକୃତି, ଭୌତିକ ଆବିଷ୍କାର, ଯଥା:- ସମାଧି ସ୍ଥଳ, ଯୁଦ୍ଧରୁ ଗୁଳି ଏହାର ଅର୍ନ୍ତଭୁକ୍ତ ।

(୨) **ଦ୍ୱିତୀୟକ ଉତ୍ସ:**

ଏହି ଉତ୍ସ ଗୁଡ଼ିକ ସେହି ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀ ଯେଉଁମାନେ କି ସେହି ଘଟଣା ସହ ପ୍ରତ୍ୟକ୍ଷ ଭାବରେ

ଜଡ଼ିତ ନଥାନ୍ତି କିନ୍ତୁ ସେମାନେ ଏହି ବିଷୟବସ୍ତୁକୁ ପ୍ରସ୍ତୁତ କରିବାପାଇଁ ପ୍ରତ୍ୟକ୍ଷଦର୍ଶୀ ମାନଙ୍କ ସାହାଯ୍ୟ ନେଇଥାନ୍ତି । ବିଭିନ୍ନ କାଳର ମୁଖ୍ୟ ଐତିହାସିକ କାର୍ଯ୍ୟଗୁଡ଼ିକ ସାଧାରଣତଃ ପ୍ରକୃତ ବିବରଣୀ ଉରେ ଅଧାରିତ ଯେପରିକି କୌଣସି ସମୟରେ ଲୋଖାଯାଇଥିବା ପୁସ୍ତକ, ବକ୍ତୃତା, ସାମ୍ପ୍ରତିକ ଖବର କାଗଜ, କୌଣସି ଏକ ଦକ୍ଷ ବ୍ୟକ୍ତିଙ୍କ ସହିତ ସାକ୍ଷାତକାର ଇତ୍ୟାଦିକୁ ଦ୍ୱିତୀୟକ ଉତ୍ସଭାବରେ ବିଭକ୍ତ କରାଯାଇଛି ।

ଐତିହାସିକ ମାଧ୍ୟମ ପାଇଁ ନିୟମାବଳୀ:

ଐତିହାସିକ ପ୍ରମାଣ ପତ୍ର ଗୁଡ଼ିକ ସମାଲୋଚନା ପଦ୍ଧତିରେ ଐତିହାସିକ ତଥ୍ୟରୁ ଉଦ୍ଧୃତ ଯାହାକି ଦୁଇ ପ୍ରକାରର, ଯଥା:- ବାହ୍ୟ ଏବଂ ଆଭ୍ୟନ୍ତରୀଣ । ନିମ୍ନୋକ୍ତ ଆଲୋଚନା ସାଧାରଣତଃ ଐତିହାସିକ ମାନଙ୍କ କାର୍ଯ୍ୟରେ ବ୍ୟବହୃତ ନିୟମାବଳୀ ବିଷୟରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରେ ଯାହା ବାହ୍ୟ ଓ ଆଭ୍ୟନ୍ତରୀଣ ଶୀର୍ଷକର ଅନ୍ତର୍ଭୁକ୍ତ ।

ବାହ୍ୟ ସମାଲୋଚନା:- (ସତ୍ୟତା ଏବଂ ବିଶୁଦ୍ଧତା)

ବାହ୍ୟ ସମାଲୋଚନା ତଥ୍ୟ ର ସତ୍ୟତା ଏବଂ ବିଶୁଦ୍ଧତା କୁ ପ୍ରତିଷ୍ଠା କରିଥାଏ । ବିଶ୍ୱାସ ଏବଂ ଦସ୍ତାବିଜ୍ କ'ଣ ସତ୍ୟ ନା ନକଲି ? ବିଶୁଦ୍ଧତାର ବିଭିନ୍ନ ପରୀକ୍ଷଣ ମାନ ଏହା ପାଇଁ ନିୟୋଜିତ କରାଯାଇପାରିବ । ଉଦାହରଣ ସ୍ୱରୂପ, କୌଟିଲ୍ୟଙ୍କ ଦ୍ୱାରା ଲିଖିତ ଅର୍ଥଶାସ୍ତ୍ରର ବିଶୁଦ୍ଧତା ଜାଣିବା ପାଇଁ ଆମକୁ ଜାଣିବାକୁ ପଡ଼ିବ ଯେ ସେହି ସମୟରେ ବୟସ ବା ତଥ୍ୟର ଲେଖକ, ସ୍ୱାକ୍ଷର, ହସ୍ତାକ୍ଷର, ଲିପି, ମୁଦ୍ରାକ୍ଷର, ବନାନ୍, ଭାଷାର ବ୍ୟବହାର, ଲିଖିତ ପ୍ରମାଣ, ଉପଲବ୍ଧ ଜ୍ଞାନ ଇତ୍ୟାଦି ଯାହା ଜଟିଳ ପରୀକ୍ଷା ଦରକାର କରେ ଏବଂ ଜ୍ଞାନ ସହିତ ସ୍ଥିରତା ଅଟେ । ଏହା କାଳି ଏବଂ ଚିତ୍ରିତ କାଗଜ ଇତ୍ୟାଦିର ଭୌତିକ ଏବଂ ରାସାୟନିକ ପରୀକ୍ଷଣକୁ ସଂପୃକ୍ତ କରିପାରେ ।

ଅନ୍ତଃ ସମାଲୋଚନା: (ଐତିହାସିକ ବିଶ୍ୱସନୀୟତା):

ଐତିହାସିକ ପ୍ରମାଣପତ୍ର ଏବଂ ଅବଶିଷ୍ଟ ତଥ୍ୟର ଉପସ୍ଥାପନାର ସତ୍ୟତା ପରେ ବି ସତ୍ୟତାର ମାନ ନିର୍ଦ୍ଧାରଣ କରିବା ପାଇଁ ଅସୁବିଧା ରହେ । ଯଦିଓ ସେଗୁଡିକ ବାସ୍ତବ ତଥାପି ସେସବୁ ଗୋଟିଏ ସଠିକ୍ ଛବି ପ୍ରଦର୍ଶିତ କରିପାରିବେ କି ? ସେମାନେ ସଚ୍ଚୋଟ, ଦକ୍ଷ ଏବଂ ଘଟଣାର ସହିତ ପ୍ରକୃତ ସଂଶ୍ଳିଷ୍ଟ ଏବଂ ବିବରଣୀର ବିକୃତୀକରଣ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା କି ? ଏହି ଘଟଣା କେତେବର୍ଷ ପରେ ସେମାନେ ଲିଖିତ ପ୍ରମାଣ ଗୁଡ଼ିକର ତଥ୍ୟ ପ୍ରାପ୍ତ ହେଲେ ଓ ସେତେବେଳେ ପ୍ରକୃତରେ କ'ଣ ଘଟିଥିଲା ସେଗୁଡ଼ିକ ମନେରଖିଥିଲେ କି ? ସେମାନେ ଅନ୍ୟ ଦକ୍ଷ ସାକ୍ଷୀମାନଙ୍କର ସହମତି ପାଇଥିଲେ କି ?

## ୩.୭ ପ୍ରାଥମିକ ସ୍ତରରେ ଇତିହାସ ର ଦୁଇଟି ପ୍ରସଙ୍ଗ ର ମାନଚିତ୍ରଣ:

ଗୋଟିଏ ପ୍ରତ୍ୟୟ ଚିତ୍ରଣ ହେଉଛି ଏକ ପ୍ରକାରର ଚିତ୍ରବିଦ୍ୟା ସଂଗଠନ ଯାହା ଏକ ଶିକ୍ଷାର୍ଥୀ ର ଜ୍ଞାନ କୁ ଉପସ୍ଥାପନା ଏବଂ ସଂଗଠିତ କରିବାରେ ସାହାଯ୍ୟ କରିବା ପାଇଁ ବ୍ୟବହୃତ ହୋଇଥାଏ । ଯେତେବେଳେ ଭ୍ରମଶୂନ୍ୟ ଏବଂ ସମ୍ୟକ୍ ଭାବରେ ସୃଷ୍ଟି ହୋଇଥାଏ, ପ୍ରତ୍ୟୟ ଚିତ୍ରଣ ତୁମର ଶିକ୍ଷାର୍ଥୀ ମାନଙ୍କ ପାଇଁ ଉଚ୍ଚସ୍ତରର ବୋଧଶକ୍ତି ଆହରଣ ନିମନ୍ତେ ଏକ ଶକ୍ତିଶାଳୀ ସାଧନ ହୋଇଥାଏ । ଏକ ପ୍ରତ୍ୟୟ ଚିତ୍ରଣ୍ର କେବଳ ଗୋଟିଏ ଶିକ୍ଷା ସାଧନ ନୁହେଁ ବରଂ ତୁମପାଇଁ ଏକ ମୂଲ୍ୟବିର୍ଦ୍ଧାରଣ ର ସାଧନ । ତୁମେ ତୁମ ଶିକ୍ଷାର୍ଥୀମାନଙ୍କ ପ୍ରଦର୍ଶନ ର ଏକକ ବା ବିଷୟ ର ଶେଷରେ ମୂଲ୍ୟନିର୍ଦ୍ଧାରଣ ନିମନ୍ତେ ଏହାକୁ ବ୍ୟବହାର କରିପାରିବ । ଯେହେତୁ ଶିକ୍ଷାର୍ଥୀମାନେ ପ୍ରତ୍ୟୟ ଚିତ୍ରଣ୍ର କୁ ବ୍ୟବହାର କରନ୍ତି । ସେଗୁଡ଼ିକୁ ପ୍ରସ୍ତୁତ କରନ୍ତି, ସେମାନେ ନିଜସ୍ୱ ଶବ୍ଦ କୁ ବ୍ୟବହାର ସ୍ୱରୂପ କଳ୍ପନା କୁ ଦୋହରାଇଥାନ୍ତି ଏବଂ ଅଶୁଦ୍ଧ କଳ୍ପନା କୁ ଚିହ୍ନଟ କରନ୍ତି; ସେହିପରିସ୍ଥିତିରେ, ଶିକ୍ଷାର୍ଥୀମାନେ ଉପଲବ୍ଧି କରି ନଥିବା କ୍ଷେତ୍ର ଗୁଡିକର ମୂଲ୍ୟନିର୍ଦ୍ଧାରଣ ନିମନ୍ତେ ନିର୍ଭୁଲ୍, ବସ୍ତୁନିଷ୍ଠ, ପଥ ପ୍ରଦାନ ପୂର୍ବକ, ଶିକ୍ଷାର୍ଥୀମାନେ କ'ଣ ବୁଝିପାରିଲେ ନାହିଁ ତାହା ତୁମେ ପର୍ଯ୍ୟବେକ୍ଷଣ କରିବାରେ ସକ୍ଷମ ହେବ ।

ଗୋଟିଏ ପ୍ରତ୍ୟୟ ଚିତ୍ରଣର ବିକାଶ ନିମନ୍ତେ ପ୍ରକ୍ରିୟା ଟିକୁ ନିମ୍ନରେ ଆଲୋଚନା କରାଗଲା:

**ଇତିହାସରେ କିପରି ପ୍ରତ୍ୟୟ ଚିତ୍ରଣ ଗଠନ କରାଯିବ:**

ଉଚ୍ଚକୋଟିର ପ୍ରସଙ୍ଗ ଏବଂ ଧାରଣା ରୁ ଉତ୍ପନ୍ନ ଅଧିନସ୍ଥ ପ୍ରସଙ୍ଗ ଗୁଡ଼ିକ ସହ ପ୍ରତ୍ୟୟ ଚିତ୍ରଣ୍ର ଗୁଡିକ ସାଧାରଣତଃ

ବର୍ଗୀକୃତ ଅଟେ । ଏହି ପ୍ରକାରର ଚିତ୍ରବିଦ୍ୟାସଂଗଠକ, ନୂତନ ପ୍ରସଙ୍ଗ ଏବଂ ପ୍ରସଙ୍ଗ ର ପରିବର୍ତ୍ତନ ର ମିଶ୍ରଣକୁ ଅନୁମତି ପ୍ରଦାନ କରେ ।



- **ମୂଖ୍ୟ ଉଦ୍ଦେଶ୍ୟ, ଆଲୋଚ୍ୟ ବିଷୟ ବା ସଂସ୍କରଣ ସହ ଆରମ୍ଭ:**

ଏକ କେନ୍ଦ୍ରିତ ପ୍ରଶ୍ନ ସ୍ଥିର କରିବାରେ ତୁମ ପ୍ରତ୍ୟୟ ଚିତ୍ରଣ ପ୍ରସଙ୍ଗ ନିର୍ଦ୍ଧାରଣରେ ଏକ ସହାୟକ ପଥ । ବିଶେଷ କରି ସମାଧାନ ବା ଉପସଂହାରରେ ପହଞ୍ଚିବା ଆବଶ୍ୟକ କରୁଥିବା ପ୍ରସଙ୍ଗ ପାଇଁ ଏହା ଦରକାରୀ । ଥରେ ଗୋଟିଏ ଆଲୋଚ୍ୟ ବିଷୟ ବା ପ୍ରଶ୍ନ ଟି ସୁନିଶ୍ଚିତ ହୋଇଗଲେ, ଏକ ପ୍ରତ୍ୟୟ ଚିତ୍ରଣ ବର୍ଗୀକୃତ ଗଠନ ପ୍ରଣାଳୀ ସହ ସଂରଚନା କରିବା ସହଜସାଧ୍ୟ ହୋଇଥାଏ ।

- **ଅଧିନସ୍ଥ ପ୍ରସଙ୍ଗ ଗୁଡିକୁ ସ୍ଥିର କରିବା:**

ଅଧିନସ୍ଥ ପ୍ରସଙ୍ଗ ଗୁଡିକୁ ଖୋଜିବା ଯାହାକି ମୁଖ୍ୟ ଧାରଣା (ଉଦ୍ଦେଶ୍ୟ) କୁ ସଂଯୋଗ ଏବଂ ବର୍ଣ୍ଣନା କରୁଥିବ ଏବଂ ସେମାନଙ୍କୁ ଶ୍ରେଣୀ ରେ ବିଭକ୍ତ କରୁଥିବ; ଅଧିକତମ ସାଧାରଣ, ସମ୍ମିଳିତ ପ୍ରସଙ୍ଗ ପ୍ରଥମେ ଆସେ; ତା'ପରେ କ୍ଷୁଦ୍ରତର, ଅଧିକତର ନିଷ୍ଠ ପ୍ରସଙ୍ଗ ଗୁଡିକୁ ସଂଯୁକ୍ତ କରାଯାଏ ।

- **ଧାରଣା କୁ ସଂଯୋଗ ଦ୍ୱାରା ସମାପ୍ତ କରିବା - ବାକ୍ୟାଂଶ ଏବଂ ଶବ୍ଦ ଗୁଡିକୁ ସଂଯୋଗ କରି ସୃଷ୍ଟି କରିବା:**

ଥରେ ଧାରଣା ମଧ୍ୟରେ ମୌଳିକ ସଂଯୋଗକୁ ଗଠନ କରାଗଲେ, ଛକ ସଂଯୋଗ ଯୋଗ କରାଯାଏ, ଯେଉଁଟା କି ମାନଚିତ୍ର କ୍ଷେତ୍ରରେ ବିଭିନ୍ନ ଧାରଣାକୁ ସଂଯୋଗ କରେ, ଅଧିକତର ସମ୍ପର୍କ କୁ ଦୃଷ୍ଟାନ୍ତ ଦିଆଯାଏ ଏବଂ ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀ ମାନଙ୍କର ବୁଝିବାଶକ୍ତି ଏବଂ ଜ୍ଞାନକୁ ଶକ୍ତିଶାଳୀ କରାଏ ।

ଚାଲ ଏକ ଉଦାହରଣ ନେବା ସପ୍ତମ ଶ୍ରେଣୀ ସମାଜିକ ବିଜ୍ଞାନ ପାଠ୍ୟସୂଚୀ ର ଇତିହାସ ପୁସ୍ତକ ରୁ ।

ବିଷୟ: ଜନବିଦ୍ରୋହ ର କାରଣ ଗୁଡିକ ଏବଂ ୧୮୫୭ ପରେ

ଟିପ୍ପଣୀ


୧୮୫୭ ରେ ଜନବିଦ୍ରୋହ ର କାରଣ
ସିପାହୀ ବିଦ୍ରୋହ
ନବାବ ବା ରାଜା କ୍ଷମତା ହରାଇଲେ
ରଇତ ଏବଂ ସିପାହୀ
ସାମାଜିକ ସଂସ୍କାର
ବାହାଦୁର ଶାହା
ରାଣୀ
ନାନାସାହେବ
ଅଓ୍ୱଧ
ହରାଇଲେ ତାଙ୍କର
ହରାଇଲେ ତାଙ୍କର
ହରାଇଲେ ତାଙ୍କର
ହରାଇଲେ ତାଙ୍କର
ମୃତ୍ୟୁ ପରେ ପରିବାର ବର୍ଗ ରେଡ଼ଫର୍ଟ ରୁ ସ୍ଥାନାନ୍ତରିତ ହେଲେ
ତାଙ୍କର ପାଳିତ/ଯୋଗ୍ୟ ପୁତ୍ର କୁ କମ୍ପାନୀ ବିଚାରକୁ ନେବା ପାଇଁ ଚାହିଁଲେ
ତାଙ୍କୁ ବାପାଙ୍କ ଅବସର କାଳୀନ ଭତ୍ତା ଦିଆ ଯାଉବୋଲି ଚାହିଲେ
ବ୍ରିଟିଶ୍‌ଙ୍କ ଦ୍ୱାରା ଶାସନ ଭାର ପୁରଣ
ବିପ୍ଲବ
ପରିଣାମ ସ୍ୱରୂପ
ନିମ୍ନମାନର ବେତନ, ଭତ୍ତା, ଏବଂ ଚାକିରୀ ସର୍ତ୍ତାବଳୀ
ଅସନ୍ତୋଷର କାରଣ
ସିପାହୀ ଓ ରଇତମାନଙ୍କ ମଧ୍ୟରେ କ୍ଷୋଭର ପ୍ରସାର
ବିଦେଶୀ ସେବାରେ ନିଯୁକ୍ତି ଆଇନ୍ ପ୍ରତି ପ୍ରତିକ୍ରିୟା ପ୍ରକାଶ
ଧର୍ମ
ଯଦି ସେମାନେ ଯୁଦ୍ଧ ପାଇଁ ସମୁଦ୍ର ପାର କରନ୍ତି, ତେବେ
ଅସନ୍ତୋଷ ଭୟ ପାଇଁ
ଦ୍ୱାରା
ଦ୍ୱାରା
ଦ୍ୱାରା
ଅତିକ୍ରମ କରିବା
ସତୀଦାହ ପ୍ରଥା କୁ ବନ୍ଦ କରିବା
ବିଧବା ମାନଙ୍କୁ ପ୍ରୋତ୍ସାହନ
ଇଂରାଜୀ ଭାଷାର ସକ୍ରିୟ ପଦୋନ୍ନତି
ଧର୍ମାନ୍ତରୀ କରଣ

ଟିପ୍ପଣୀ




**ଟିପ୍ପଣୀ : ଲାଲ ଅକ୍ଷରରେ ଲେଖାଯାଇଥିବା ଘଟଣାବଳୀ ଉପପ୍ରସଙ୍ଗର ସଂଯୋଜକ ଅଟନ୍ତି ।**

ଟିପ୍ପଣୀ

## ୩.୮ ସାରାଂଶ:

ଇତିହାସ ହେଉଛି ମାନବ ସତ୍ତା/ସ୍ଥିତିର ଅଧ୍ୟୟନ । ଯୁଗକ୍ରମେ ମାନବ ସତ୍ତାର ସଫଳତା ଏବଂ ପ୍ରୟାସ ସହିତ ଏହା ସଂପୃକ୍ତ । ଗୋଟିଏ ଭୌତିକ ଏବଂ ଭୌଗୋଳିକ ପରିବେଶ ରେ ଏବଂ ଗୋଟିଏ ସୂଚିତ ସମୟରେ ଘଟୁଥିବା ବିଭିନ୍ନ ଘଟଣାବଳୀ ସହିତ ଏହାର ସାମଞ୍ଜସ୍ୟ ଅଛି । ଐତିହାସିକ ଘଟଣା ଗୁଡିକ ହେଉଛି ନିରବଚ୍ଛିନ୍ନ ଏବଂ ସମାନୁଗତ (coherent) । କୌଣସି ମାନବୀୟ ଘଟଣା ଶୂନ୍ୟରୁ ଜନ୍ମ ହୋଇନଥାଏ; ଏହା ପୂର୍ବବର୍ତ୍ତୀ ଘଟଣା ଗୁଡିକର ମୂଳଦୂଆ ରୁ ଉତ୍ପତ୍ତି ହୋଇଥାଏ । ଇତିହାସ ହେଉଛି ଅତୀତକୁ ବ୍ୟାଖ୍ୟା କରିବା ସହିତ ଭବିଷ୍ୟତକୁ ଅନୁମାନର ଅଭିଳାଷ ରଖିବା । ଏହାର ସମସାମୟିକତା/ସମକାଳୀନତା ଅଛି ଏବଂ ଏହା ହେଉଛି ଏକ ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ସଂଳାପ/ କଥୋପକଥନର ଅସରନ୍ତି ପ୍ରକ୍ରିୟା । ଅନ୍ୟ ପକ୍ଷରେ ଏହା ହେଉଛି ଏକ ଭବିଷ୍ୟବାଣୀ ଏବଂ ଭବିଷ୍ୟତରେ କ'ଣ ଘଟିବ ତାହା ମଧ୍ୟ କିଛି ମାତ୍ରାରେ ଜାଣିବା ପାଇଁ ଏହା ଆମକୁ ସାହଯ୍ୟ କରେ । ଗୋଟିଏ ପକ୍ଷରେ ଏହା ହେଉଛି ରୈଖିକ, ଅନ୍ୟ ପକ୍ଷରୁ ଏହା ଆବର୍ତ୍ତୀତ (ବୃତ୍ତପରି) । ଯଦି ଆମେ ଅଧିକାଂଶ ଐତିହାସିକ ଯୁଗରୁ ସ୍ୱଳ୍ପ କିମ୍ବା କିଛି ତଥ୍ୟ (evidence) ନ ଆଣିବା/ଆମ ପାଖରେ ନ ଥିବ, ତେବେ ଏହା ଅସଂପୂର୍ଣ୍ଣ ହେବ । ତେଣୁ ବାସ୍ତବିକ ଅତୀତ ଠାରୁ ଜାଣିଥିବା (known) ଅତୀତ ଛୋଟ/କ୍ଷୁଦ୍ର ଅଟେ । ଇତିହାସ ସ୍ଥିତିଶୀଳ ନୁହେଁ; ନୂତନ ଆବିଷ୍କାର ଅନୁସାରେ ଇତିହାସ ପ୍ରତି ଆମର ମତ ପରିବର୍ତ୍ତନ ହୋଇଯାଏ । ଏହାଛଡା, ଇତିହାସର ଗତିଶୀଳ ସ୍ୱଭାବକୁ କେହିବି ବିବାଦ କରିପାରିବେ ନାହିଁ । ଏହା (ଇତିହାସ) ନିଜକୁ ଏକ ଉଦ୍ଦେଶ୍ୟ ଏବଂ ଅର୍ଥ ଥିବା ଜୀବନର ପରିବର୍ତ୍ତନଶୀଳ ଡ୍ରାମା ସହିତ ସଂପୃକ୍ତ କରିଛି । ଶ୍ରେଣୀ - VI ରୁ VII ପର୍ଯ୍ୟନ୍ତ ସମସ୍ତ ଇତିହାସ ପାଠ୍ୟ ପୁସ୍ତକର ବିଷୟବସ୍ତୁର ଶିରୋନାମା (title) ଏବଂ ମୁଖ୍ୟ ଉପଶିରୋନାମା (subtitle) କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (CBSE,2006) ଦ୍ୱାରା ଧାର୍ଯ୍ୟ କରାଯାଇଛି । ଏହି ବିଷୟବସ୍ତୁଗୁଡିକ ପ୍ରଦାନ କରୁଥିବା ଜ୍ଞାନ ଶିକ୍ଷାର୍ଥୀମାନଙ୍କୁ କିପରି ଭାବରେ ଧାରଣା, ଘଟଣା ଏବଂ ବ୍ୟକ୍ତି ସମୟ କ୍ରମେ ପରିବର୍ତ୍ତନ କରିବା ପାଇଁ ପରସ୍ପରକୁ ପ୍ରଭାବିତ କରୁଛନ୍ତି ଏବଂ ମାନବ ସମାଜ ମଧ୍ୟରେ ଧାରାବାହିକତାକୁ ପରିଚାଳନା କରିବା ପାଇଁ ବ୍ୟବହୃତ ସର୍ତ୍ତ ଏବଂ କଳା/ଶକ୍ତି କୁ ଚିହ୍ନଟ କରାଇବା ପାଇଁ ସମର୍ଥ କରାଏ । ଐତିହାସିକମାନେ ସେହି ବ୍ୟକ୍ତି ଯେଉଁମାନେ ବିଭିନ୍ନ ସମୟରେ ପୁରାକାଳର ଲୋକମାନେ ଲେଖିଥିବା ପୁରାତନ ନଥି, କୌଣସି ଐତିହ୍ୟ ସ୍ତୂପ, ଖୋଦେଇ, ଶିଳାଲିପ. ଲୋକ କଥାର କାହାଣୀ, ତଫସିଲରେ ଲିଖିତ ଲୋକକଥା, ପଥର/କାନ୍ଥରେ ଲିଖିତ ଲିପି ଇତ୍ୟାଦିର ସମୟ ଜାଣିବା ପାଇଁ ଅଙ୍ଗାର ବିଶ୍ଳେଷଣ ପରି ବୈଷୟିକ ଜ୍ଞାନ ବ୍ୟବହାର କରିଥାନ୍ତି । ଏହିସବୁ ହେଉଛି କେତେକ ଉତ୍ସ ଯାହାକୁ ଆଧାର କରି ଐତିହାସିକମାନେ ଅତୀତକୁ ଅନୁସନ୍ଧାନ କରିଥାନ୍ତି । ଏହି ଗୁଡିକ ହେଉଛି କେତେକ ଉତ୍ସ ଯାହା ମାଧ୍ୟମରେ ଅତୀତକୁ ଜାଣିବା ପାଇଁ ଐତିହାସିକ ଲେଖକମାନେ ବିଭିନ୍ନ ତଥ୍ୟର ସନ୍ଧାନ କରିଥାନ୍ତି ।

## ୩.୯ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

Marth C. Howell and walter prevenier. (2001). from Reliable sources. An Introduction to Historical Methods. Cornell University Press.

Anthony Brundage (2002). Going to the sourcres: A Guide to Historical Research and writing. Harlan Davidson.

Abrams, Robert, Kothe, Denise, luli, rick, "A collaborative Literature Review of concept Mapping.V The meaining ful learning Reserch Group Home page http:// WWW2.UCSC.edu/Mcrg/cir -Concept mapping. htmc (18 - January 2002).

Maitland, Frederic William in venn, J.& J.A,, Alumni Cantabrigienses, Cambridge University press, 10 VOIS, 1922-1958.

Hale,sterven. "Concept Mapping Handout" Handouts from Georgia perimeter Colleger.

http://WWW.dc.peachnet. edo/ ~shale/humanities/composition/han douts/concet. html (18 January 2002).

Novak, Joseph D. "The theory Underlying concept maps and How to construct them". Institute for Human and Machine Iam againg. http://cmap. Coginst.uwf. edu/info/printer - html. (18 January 2002).

Ghosh, Papiya (2007). Partition and the south Asion dias pora: Extending the subcontinent New yourk: Rout/edge. ISBN O - 415 - 42409-7

Bernheim, E. (1889). Lehrbuch der historischen. Methode. Leipzig: Verlag Von Duncker & Humblot.

B. charles and S.P. Harter (1980). Reserch Methods in Librarianship: techniques and Interpretations. Academic Press: New york, NY,

Report of the Secondary Education Commission (1953) Ministry of Education, Government of India New Delhi.

Position Paper in Teaching of social science, (2006). National Curriculum Framework, NCERT, New Delhi.

http:// WWW. newso fyester year. com/archives/1049

http://en.Wikipedia.org/wiki/Henry-Johnson-%28 Medal - of - Honor % 29

http://en. Wikipedia.org/wiki/Historiography-of -the-french-Revolution.

## ୩.୧୦ ପାଠାନ୍ତ ପ୍ରଶ୍ନାବଳୀ

୧. ଇତିହାସ ଶବ୍ଦର ଅର୍ଥ କ'ଣ ଅଟେ ?

୨. କିଏ ଇତିହାସର ବୈଜ୍ଞାନିକ ପ୍ରଣାଳୀ ପ୍ରଦାନ କରିଛନ୍ତି ?

୩. କାହିଁକି ଇତିହାସ ର ସଂଜ୍ଞାରେ ଭିନ୍ନତା ଦେଖାଯାଏ ? ଯଥାର୍ଥତା ପ୍ରତିପାଦନ କର ।

୪. କ'ଣ ତୁମେ ଏଥିରେ ସହମତ ଯେ ଇତିହାସ ମନୁଷ୍ୟ ସମ୍ବନ୍ଧିତ ସମସ୍ତ ସାଂସାରିକ ବ୍ୟାପାର ସହ ଜଡିତ ଅଟେ ? ବର୍ଣ୍ଣନା କର ।

୫. "କେହି ଜଣେ ମଧ୍ୟ ଇତିହାସର ଗତିଶୀଳ ପ୍ରକୃତି ଉପରେ ବିବାଦ କରି ପାରିବେ ନାହିଁ ଯିଏକି ନିଜେ ସର୍ବଦା ବଦଳୁଥିବା ଜୀବନ ନାଟକ ସହ ସଂପର୍କିତ" । ଉକ୍ତ ଉକ୍ତି ଟି ଅନୁସାରେ ଇତିହାସର ପ୍ରକୃତି କୁ ଆଲୋଚନା କର ?

୬. କ'ଣ ତୁମେ ଭାବୁଛ କି ସାମାଜିକ ବିଜ୍ଞାନରେ ଇତିହାସର ପାଠ୍ୟକ୍ରମ ପ୍ରାରମ୍ଭିକ ଶିକ୍ଷାର୍ଥୀ ମାନଙ୍କ ପାଇଁ ଯେପରି BSE ଦ୍ୱାରା ପ୍ରସ୍ତାବ ଦିଆଯାଇଛି ଉପଯୁକ୍ତ ? ଏହାର କୌଣସି ଦୁର୍ବଳତା ଥିଲେ ଚିହ୍ନଟ କରେ । ଏହାକୁ ଦୂରୀଭୂତ କରିବା ପାଇଁ ତୁମର ମତାମତ ପ୍ରଦାନ କର ?

୭. ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଏକ ଅଂଶ ରୂପେ ଇତିହାସର ମହତ୍ତ୍ୱ କୁ ଆଲୋଚନା କର ?

୮. ଜଣେ ଇତିହାସ ଶିକ୍ଷକ ରୂପେ ତୁମେ ଶିକ୍ଷାର୍ଥୀ ମାନଙ୍କୁ ପ୍ରାଥମିକ ଏବଂ ଦ୍ୱିତୀୟକ ଉତ୍ସଗୁଡ଼ିକୁ ଉପଯୋଗ କରି ଇତିହାସ ଶିକ୍ଷା କରିବା ପାଇଁ କିପରି ମାର୍ଗଦର୍ଶନ କରାଇବ ?